### ଘରେ ପଶି ଯୁବତୀଙ୍କୁ ଆଖିବୁଜା ହାଣିବା ଘଟଣା

# ପୁଣେରୁ ଗିରଫ ହେଲା ଅଭିଯୁକ୍ତ

ବ୍ରହ୍ମପୁର/ପାତ୍ରପୁର,୧୬।୪(ସମିସ)



ଜରଡ଼ା ଥାନା ଷୋଳଭାଗପେଣ୍ଠ ଗ୍ରାମରେ ଜଣେ ଯୁବତୀଙ୍କୁ ଆଖିବୁଜା ହାଣିବା ଘଟଣାରେ ଜରଡ଼ା ପୁଲିସ ଅଭିଯୁକ୍ତକୁ ପୁଣେରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଢେଙ୍କାନାଳ ଜିଲ୍ଲା ନିବାସୀ ତଥା କଟକ କୁଢୁମ୍ବା ସୀତାରାମପୁର ଗ୍ରାମରେ ରହୁଥିବା ମନୋଜ ଦାସ (୩୬) ବୋଲି ପୁଲିସ କହିଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ମନୋଜ ଆନ୍ଧ୍ରପ୍ରଦେଶର ଓଙ୍ଗୋଲରେ ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ କାମ କରୁଥିଲେ। ସେଠାକୁ ସମ୍ପୃକ୍ତ ଯୁବତୀ ଓ ତାଙ୍କ ପରିବାର ଲୋକେ ବୁଲିବାକୁ ଯାଇଥିଲେ। ଏହି ସମୟରେ ମନୋଜ ସମ୍ପୃକ୍ତ ଯୁବତୀଙ୍କ ସମ୍ପର୍କରେ ଆସି ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ମନୋଜ ବିବାହିତ ବୋଲି ଜାଣିପାରି ଯୁବତୀ ଜଣକ ମନା କରିଦେଇଥିଲେ। ପରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ପରିବାର ସଦସ୍ୟ ଏଥିରେ ରାଜି ନଥିଲେ। ପରେ ଯୁବତୀ ଓ ତାଙ୍କ ପରିବାର ଗାଁକୁ ଫେରି ଆସିଥିଲେ। ସେଠାରୁ ଯୁବତୀ ଫେରି ଆସିବା ପରେ ମନୋଜ ମୋବାଇଲ୍ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଇତି ମଧ୍ୟରେ ଯୁବତୀଙ୍କ ବିବାହ ସ୍ଥିର ହୋଇଯାଇଥିଲା। ଏହି କଥା ମନୋଜ କୌଣସି ପ୍ରକାରେ ଜାଣିପାରି ରାଗି ଯାଇଥିଲେ। ଏହାପରେ ଗତ ମାର୍ଚ୍ଚ ୨୦ ସନ୍ଧ୍ୟାରେ ମନୋଜ ତାଙ୍କ ବାଇକ୍ ଯୋଗେ ସମ୍ପୃକ୍ତ ଯୁବତୀଙ୍କ ଗାଁରେ ପହଞ୍ଚିଥିଲେ। ଯୁବତୀଙ୍କ ପିତା ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ଅନୁପସ୍ଥିତିରେ ମାର୍ଚ୍ଚ ୨୧ରେ ଆଖିବୁଜା ହାଣିଥିଲେ। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ପ୍ରଥମେ ପାତ୍ରପୁର ହସ୍ପିଟାଲକୁ ଓ ପରେ ଏମକେସିଜି ସ୍ଥାନାନ୍ତର କରାଯାଇଥିଲା। ଯୁବତୀଙ୍କ ପିତାଙ୍କ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମନୋଜକୁ ଗିରଫ କରିବାକୁ ଦୁଇଟି ସ୍ୱତନ୍ତ୍ର ପୁଲିସ ଦଳ ଗଠନ ହୋଇଥିଲା।

ଗୋଟିଏ ଟିମ୍ କନ୍ଧମାଳ ଜିଲ୍ଲାରେ ଚଢ଼ଉ କରିଥିବାବେଳେ ଅନ୍ୟ ଏକ ଟିମ୍ କଟକ, ଢେଙ୍କାନାଳ ଏବଂ ଭୁବନେଶ୍ୱରରେ ଚଢ଼ଉ କରିଥିଲା। ପରେ ନିର୍ଭରଯୋଗ୍ୟ ସୂତ୍ର ଆଧାରରେ ଗୋଟିଏ ପୁଲିସ ଦଳ ଶ୍ରୀନଗର ଯାଇ ସ୍ଥାନୀୟ ପୁଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବାବେଳେ ଅନ୍ୟ ଏକ ଟିମ୍ ମହାରାଷ୍ଟ୍ରର ପୁଣେ ସହରକୁ ଯାଇଥିଲା। ୧୨ ଓ ୧୩ ରାତିରେ ସ୍ଥାନୀୟ ପୁଲିସ ସହାୟତାରେ ପୁଣେରୁ ମନୋଜକୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ମନୋଜଙ୍କୁ ଗତ ୧୩ ତାରିଖରେ ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ବ୍ରହ୍ମପୁର ଅଣାଯାଇଥିଲା। ବ୍ରହ୍ମପୁର ଆଣିବା ପରେ ପାତ୍ରପୁର କୋର୍ଟରେ ହାଜର କରାଯାଇଥିଲା। ବର୍ତ୍ତମାନ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

- **ପ୍ରଥମ ପତ୍ନୀ ଥାଇ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିଲା**
- **ରାଜି ନହେବାରୁ ଘଟାଇଥିଲା ଉନ୍ମତ୍ତ କାଣ୍ଡ**

### ସିବିଏସ୍‌ଇ ଦଶମ ପରୀକ୍ଷା ଫଳ

## ଛତ୍ରପୁର କେଭି ଟପ୍ପର ସାଇସ୍ମୃତି



ଛତ୍ରପୁର,୧୬।୪(ସମିସ): ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ବର୍ଷ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ଫଳାଫଳ ସହ ଏକ ଗୌରବମୟ ସଫଳତା ହାସଲ କରିଛି। ମୋଟ ୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ସାଇସ୍ମୃତି ଶତପଥୀ (୯୮.୪%) ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ସୁଧାଂଶୁ ଶେଖର ପ୍ରଧାନ (୯୮%) ଓ ଆୟୁଷ ପଟ୍ଟନାୟକ (୯୬.୮%) ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୫ ଜଣ ଛାତ୍ରଛାତ୍ରୀ ୯୫% ଉପରେ ନମ୍ବର ରଖିଛନ୍ତି। ସଂସ୍କୃତ ବିଷୟରେ ୬ ଜଣ ଛାତ୍ରୀଛାତ୍ର ୧୦୦ ନମ୍ବର ରଖିଛନ୍ତି। ଏନେଇ ବିଦ୍ୟାଳୟର ପ୍ରିନ୍ସିପାଲ ରାଜେନ୍ଦ୍ର କୁମାର ପଣ୍ଡା, ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ସଫଳତା ସମସ୍ତଙ୍କ ସଂଯୁକ୍ତ ପ୍ରୟାସ, ଶୃଙ୍ଖଳାବଦ୍ଧ ପାଠପଢ଼ା ଓ ନିଷ୍ଠାର ଫଳ।

## ଓଏଭି ହାତୀଓଟର ସଫଳତା



ପୋଲସରା,୧୬।୪(ସମିସ): ଚଳିତ ବର୍ଷର ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପୋଲସରା ଓଡିଶା ଆଦର୍ଶ ବିଦ୍ୟାଳୟ, ହାତୀଓଟର ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଛନ୍ତି। ଚଳିତ ବର୍ଷ ୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ଶତକଡ଼ା ୯୪.୯୪ ସଫଳତା ମିଳିଛି। ସେଥିମଧ୍ୟରୁ ନନ୍ଦିନୀ ପ୍ରଧାନ, ଦୀପାଞ୍ଜଳି କୁମାରୀ ଓ ଅନନ୍ୟା ମାଝୀ ୯୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ତଥା ପୋଲସରା ବ୍ଲକକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟଅଧ୍ୟକ୍ଷାଉର୍ମିଳାସାହୁଛାତ୍ରଛାତ୍ରୀଙ୍କୁଅଭିନନ୍ଦନ ଜଣାଇବା ସହ ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଛନ୍ତି।

## ପ୍ରତାପଲକ୍ଷ୍ମଣପୁର ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ସଫଳତା

ବେଲଗୁଣ୍ଠା,୧୬।୪(ସମିସ): ସିବିଏସଇ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ବେଲଗୁଣ୍ଠା ବ୍ଲକ ପ୍ରତାପଲକ୍ଷ୍ମଣପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମୋଟ ୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ରେଜଲ୍ଟ ହୋଇଛି। ୧୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ୪ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ଛାତ୍ରୀ ତେଜସ୍ୱିନୀ ପାତ୍ର ସର୍ବାଧିକ ୯୮.୮ ପ୍ରତିଶତ ନମ୍ବର୍ ରଖି ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଛାତ୍ରୀ ଆରାଧନା ସ୍ୱାଇଁ ୯୭.୬ ପ୍ରତିଶତ, ଲରେନ କୁମାର ଭୋଳ ୯୬.୪ ପ୍ରତିଶତ ଏବଂ ସଞ୍ଜନା ସେଠୀ ୯୫ ପ୍ରତିଶତ ନମ୍ବର୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

## ସୁଧାଂଶୁ ବ୍ଲକ୍ ଟପ୍ପର

ଶେରଗଡ଼,୧୬।୪(ସମିସ): ସିବିଏସଇ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ଶେରଗଡ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ୭ ଜଣ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁଧାଂଶୁ ଶେଖର ସାହୁ ୯୮.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଓ ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଡି. ଓମ ପ୍ରସାଦ ପାତ୍ର ୯୬.୬ ପ୍ରତିଶତ ରଖି ଦ୍ୱିତୀୟ ଓ ଛାତ୍ରୀ ସୋନାକ୍ଷୀ ପଣ୍ଡା ୯୫.୮ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ସୁଧାଂଶୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ● ଚୋରି କରିବାକୁ ଆସି ଆକ୍ରମଣ

## ଧରାପଡ଼ିଯିବା ପରେ ବୃଦ୍ଧାଙ୍କୁ ମାରି ଦାନ୍ତ ଭାଙ୍ଗିଦେଲେ

ପୋଲସରା,୧୬।୪(ସମିସ): ଚୋରି କରିବାକୁ ଆସିଥିବା ଜଣେ ଦୁର୍ବୃତ୍ତଙ୍କ ଆକ୍ରମଣରେ ବୃଦ୍ଧା ଲହୁଲୁହାଣ ହୋଇଛନ୍ତି। ତାଙ୍କର ଚାରୋଟି ଦାନ୍ତ ଭାଙ୍ଗି ଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ପୋଲସରା ଥାନା ପାଟିଗଡ଼ ଗ୍ରାମରେ। ଆହତ ବୃଦ୍ଧା ହେଲେ ମନୋରମା ପାତ୍ର। ବୁଧବାର ରାତି ୧୨ଟାରେ ସେହି ପାଟିଗଡ଼ ଗ୍ରାମର ସଚ୍ଚିଦ୍ର ଗୌଡ଼ ଘରେ କେହି ନଥିବା ସୁଯୋଗ ନେଇ ଚୋରି କରିବା ଉଦ୍ଦେଶ୍ୟରେ ବୃଦ୍ଧା ମନୋରମାଙ୍କ ଘରକୁ ଆସିଥିଲେ। ବୃଦ୍ଧା ଜଣଙ୍କ ଦୁର୍ବୃତ୍ତଙ୍କୁ ଚିହ୍ନି ଦେବାରୁ ଧରାପଡ଼ିଯିବା ଭୟରେ ସଚ୍ଚିଦ୍ର ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁବାର ସକାଳୁ ବୃଦ୍ଧା ଜଣଙ୍କ ଆହତ ଅବସ୍ଥାରେ ଆସି ପଡୋଶୀଙ୍କୁ କହିଥିଲେ। ପୁଲିସ ମନୋରମାଙ୍କୁ ପ୍ରଥମେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ପୁଲିସ ଏନେଇ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ସଚ୍ଚିଦ୍ର ଫେରାର୍ ହୋଇଯାଇଛି।

## ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା: ଜଣେ ଗିରଫ

ରଙ୍ଗେଇଲୁଣ୍ଡା,୧୬।୪(ସମିସ): ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ଗୋଳନ୍ଥରା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ଏହି ଗ୍ରାମର ନନ୍ଦୀ ବେହରା।

ସୂଚନା ଅନୁଯାୟୀ, କେଲୁଆପଲ୍ଲୀ ଜଗଦୀଶ ମଲାଣ ଏବଂ ନନ୍ଦୀ କିଛିବର୍ଷ ହେଲା ସାଙ୍ଗ ହୋଇ ଘର ରଙ୍ଗମରା କାମ କରୁଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବୁଧବାର ଜଗଦୀଶ କୌଣସି କାମରେ ତେରପେଣ୍ଠ ଆସିଥିବାବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ନନ୍ଦୀ ରାଗିଯାଇ ଖଣ୍ଡାରେ ଜଗଦୀଶଙ୍କ ମୁଣ୍ଡ ଓ ପିଠିକୁ ହାଣି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଆହତ ଜଗଦୀଶଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରିଥିଲେ। ଏନେଇ ଆହତ ଜଗଦୀଶଙ୍କ ଭଉଣୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ସହ ନନ୍ଦୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଏଏସ୍ଆଇ ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି।

### ଆରମ୍ଭ ହେଲା ଘରଗଣନା

## ଜିଲ୍ଲାପାଳ ନିଜେ ଘର ନମ୍ବର ପକାଇଲେ



ଛତ୍ରପୁର,୧୬।୪(ସମିସ): ଏପ୍ରିଲ ୧ରୁ ଆରମ୍ଭ ହୋଇଯାଇଛି ଡିଜିଟାଲ ଜନଗଣନା ୨୦୨୭। ପ୍ରଥମେ ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ସ୍ୱ-ଜନଗଣନା ହୋଇଥିଲା। ଏହାପରେ ଆଜିଠୁ ତଥା ଏପ୍ରିଲ ୧୬ରୁ ମେ’ ଯାଏ ଗଣନାକାରୀ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ପ୍ରଥମ ୩ ଦିନ ଘର ନମ୍ବରିଂ କରାଯିବ। ଛତ୍ରପୁର ପୌରପରିଷଦ ବାଲିବଗଡ଼ ଗ୍ରାମରେ ହୋଇଛି ଏହି ପ୍ରକ୍ରିୟା। ନିଜେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଉପସ୍ଥିତ ରହି ସ୍ଥିତି ଯାଞ୍ଚ ସହ ନିଜେ ମଧ୍ୟ ଘର ନମ୍ବର ପକାଇବା ସହ ଉପସ୍ଥିତ ପରିବାର ସହ କଥା ହୋଇଥିଲେ। ଏହା ସହ ମ୍ୟାପ ଦେଖି ସଠିକ ଜଣଗଣନା କରିବାକୁ ଗଣନାକାରୀଙ୍କୁ ଉପଦେଶ ଦେଇଥିଲେ। ଜନଗଣନା ଅଧିକାରୀଙ୍କୁ ଠିକ ଓ ନିର୍ଭୁଲ ତଥ୍ୟ ଦେବାକୁ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଗଞ୍ଜାମବାସୀଙ୍କୁ ଅନୁରୋଧ କରିଛନ୍ତି। ୫୬୫୭ ଜଣ ଗଣନାକାରୀ ଏହି ଜନଗଣନାକାରୀ ଭାବେ ଚୟନ ହୋଇଥିବା ବେଳେ ୯୯୨ ଜଣ ସୁପରଭାଇଜର ଚୟନ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାସହ ୬୫୦ ଜଣ ଗଣନାକାରୀ ଓ ୧୩୬ ଜଣ ସୁପରଭାଇଜରକୁ ରିଜର୍ଭ ଭାବେ ରଖାଯାଇଛି। ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଲିମ ମଧ୍ୟ ପ୍ରଦାନ କରାଯାଇଛି। ଜନଗଣନାକାରୀ ମାନେ ନିଜ ନିଜ ମୋବାଇଲରେ ଏଚଏଲଭି ଆପ୍ ଡାଉନଲୋଡ କରିଛନ୍ତି। ଏହି ଆପ୍ ଜରିଆରେ ସମସ୍ତ ତଥ୍ୟ ଅପଲୋଡ୍ କରିବେ।

### ଭୂପତି ହୋଟେଲ ମାଲିକାନା ବିବାଦ

## ନ୍ୟାୟ ପାଇଁ ଆଇଜିଙ୍କ ଦ୍ୱାରସ୍ଥ ହେଲେ ମହିଳା






ବ୍ରହ୍ମପୁର,୧୬।୪(ସମିସ): ଭୂପତି ହୋଟେଲ ବ୍ରହ୍ମପୁର ସହରର ଅନ୍ୟତମ ପ୍ରତିଷ୍ଠିତ ହୋଟେଲ। ଯାହାର ଅନ୍ୟତମ ମାଲିକ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କର ଗତ ଜୁଲାଇ ୪ରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଥିଲା। ପ୍ରଶାନ୍ତଙ୍କ ଦେହାନ୍ତ ପୂର୍ବରୁ ଯଦିଓ ସବୁକିଛି ଠିକ୍ ଚାଲିଥିଲା ହେଲେ ଏବେ ଦେଢ଼ବର୍ଷର ଶିଶୁ କନ୍ୟା ସହିତ ତାଙ୍କ ବିଧବା ପତ୍ନୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯାଗ ହୋଇଛି। ଶଶୁର ଓ ଦିଅର ନିର୍ଯାତନା ଦେଉଥିବାରୁ ପ୍ରଶାନ୍ତଙ୍କ ବିଧବା ପତ୍ନୀ ଶିଶୁକନ୍ୟାକୁ ନେଇ ବାପ ଘରକୁ ଚାଲିଯାଇଥିଲେ। ଏଭଳି ପରିସ୍ଥିତିରେ ପ୍ରଶାନ୍ତ ଓ ତାଙ୍କର ଜନୈକ ସହଯୋଗୀଙ୍କ ମାଲିକାନାରେ ଥିବା ହୋଟେଲ ଭୂପତିକୁ ନିଜ ଅକ୍ତିଆରକୁ ନେବାକୁ ଶଶୁର ଓ ଦିଅର ଯୋଜନା କରୁଥିବା ଅଭିଯୋଗ କରିଛନ୍ତି ପ୍ରଶାନ୍ତଙ୍କ ବିଧବା ପତ୍ନୀ ଶିବାନୀ କୁମାରୀ ଆଚାର୍ଯ୍ୟ। ପ୍ରଥମେ ମହିଳା ଥାନା ଓ ପରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ନ୍ୟାୟ ନମିଳିଲେ ସେ ଚରମ ପଦକ୍ଷେପ ଗ୍ରହଣ କରିବେ ଏବଂ ଏଥିପାଇଁ ତାଙ୍କ ଶଶୁର, ଦିଅର ଓ ପୁଲିସ ଦାୟୀ ରହିବ ବୋଲି ଶିବାନୀ ଚରମ ବାଣୀ ଶୁଣାଇଛନ୍ତି।

## ଅଟୋ ଚାଳକ ସଂଘ ସଭାପତିଙ୍କୁ ଆକ୍ରମଣ

ବ୍ରହ୍ମପୁର,୧୬।୪(ସମିସ): ଡୁଡୁମା କଲୋନୀ ଅଟୋ ଚାଳକ ସଂଘ ସଭାପତି ଉଦୟ ସେଠୀ ଓ ତାଙ୍କ ପୁଅକୁ ଆକ୍ରମଣ ହୋଇଛି। ଏହି ଘଟଣାରେ ସଂପୃକ୍ତ ଜଣେ ଅଟୋ ଚାଳକଙ୍କୁ ବଡ଼ବଜାର ଥାନା ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡରେ ଆଜି ଯାତ୍ରୀ ଭଡ଼ାକୁ ନେଇ ୨ ଅଟୋ ଚାଳକଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜଣେ ଅଟୋ ଚାଳକ ସଂଘ ସଭାପତି ଉଦୟଙ୍କୁ ଆକ୍ରମଣ କରିଥିଲେ। ଏହାଦେଖି ଉଦୟଙ୍କ ପୁଅ ପ୍ରତିବାଦ କରିବାରୁ ସେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ବାପା-ପୁଅ ଆହତ ହୋଇଥିଲେ। ଘଟଣାକୁ ନେଇ ଉଦୟ ସଂଘର କିଛି ସଦସ୍ୟଙ୍କୁ ଧରି ଥାନାକୁ ଯାଇ ଅଭିଯୋଗ କରିଥଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣ କରିଥିବା ଅଟୋ ଚାଳକଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

### ● ସପ୍ତମ ଦିନରେ ଜିଲ୍ଲାସ୍ତରୀୟ ସିଏମ୍ କପ୍

## ଫୁଟବଲ, କବାଡି, ଖୋ-ଖୋ ଓ ଭଲିବଲ ପ୍ରତିଯୋଗିତା ଆୟୋଜିତ



ବ୍ରହ୍ମପୁର,୧୬।୪(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ସିଏମ କପ ପ୍ରତିଯୋଗିତା ସପ୍ତମ ଦିନରେ ପହଞ୍ଚିଛି। ଖୋ-ଖୋ ଖେଳରେ ଫାଇନାଲ ମ୍ୟାଚ ହିଞ୍ଜିଳିକାଟୁ ବାଳକ ଦଳ ଓ ସାନଖେମୁଣ୍ଡି ବାଳକ ଦଳ ମଧ୍ୟରେ ହୋଇଥିଲା। ହିଞ୍ଜିଳିକାଟୁ ଦଳ ୩୫ ପଏଣ୍ଟ କରିଥିବା ବେଳେ ସାନଖେମୁଣ୍ଡି ଦଳ ୧୮ ପଏଣ୍ଟ ହାସଲ କରି ଉପ ବିଜେତା ଓ ହିଞ୍ଜିଳିକାଟୁ ଦଳ ବିଜୟୀ ହୋଇଛି। ବାଳିକା ବର୍ଗରେ କୁକୁଡାଖଣ୍ଡି ଦଳ ୩୬ ପଏଣ୍ଟ ହାସଲ କରି ଫାଇନାଲରେ ବିଜୟୀ ହାସଲ କରିଥିବା ବେଳେ ଚିକିଟି ବାଳିକା ଦଳ ୧୯ ପଏଣ୍ଟ କରି ଉପ ବିଜେତା ହୋଇଛି। ଭଲିବଲ ଖେଳର ଫାଇନାଲ ବାଳକ ବର୍ଗରେ ଅନଙ୍ଗପୁର ପିୟୁପିଏସ ଏବଂ ଓଏଭି ସିଦ୍ଧେଶ୍ୱର ସ୍କୁଲ ମଧ୍ୟରେ ଖେଳାଯାଇଥିଲା। ଅନଙ୍ଗପୁର ପିୟୁପିଏସ ୨-୦ ବିଜେତା ହୋଇଥିଲା। ବାଳିକା ବର୍ଗରେ ଗ୍ରାମ ବିକାଶ ହାଇସ୍କୁଲ ୨-୦ରେ ଫାଇନାଲରେ ବିଜେତା ହୋଇଛି।

ଫୁଟବଲ ଖେଳରେ ପ୍ରଥମ ମ୍ୟାଚ ଖେମୁଣ୍ଡି ଏପ୍‌ସି ବାଳିକା ଦଳ ଓ ଜିୟୁଜି ହାଇସ୍କୁଲ ମଧ୍ୟରେ ହୋଇଥିଲା। ଜିୟୁଜି ହାଇସ୍କୁଲ ବାଳିକା ଦଳ ୧-୦ ଗୋଲରେ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ ଡ଼ିଏଭି ବାଳିକା ଏବଂ ଓଏଭି ସିଦ୍ଧେଶ୍ୱର ବାଳିକା ମଧ୍ୟରେ ଖେଳା ଯାଇଥିଲା। ଓଏଭି ସିଦ୍ଧେଶ୍ୱର ବାଳିକା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚରେ ଅତିଥିଭାବେ ଡା. ମନ୍ଦାକିନୀ ଦାସ, ଡା. ସମରେନ୍ଦ୍ର ପ୍ରସାଦ ଦାସ, ଶିବରାମ ପାତ୍ର, ଡା. ଓମ କୁମାର ସାହୁ ଯୋଗଦେଇଥିଲେ। ମ୍ୟାଚକୁ ରେଫରି ରମେଶ ବେହେରା, ସହଯୋଗୀ ରେଫରି ରଞ୍ଜିତ ପାତ୍ର, ବିଶ୍ୱନାଥ ପାତ୍ର ଓ ମ୍ୟାଚ କମିସନର ଭାବେ ସୁଜିତ କୁମାର ପାତ୍ର ପରିଚାଳନା କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ.କେ ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ଡକାଡକି ହୋଇ ଆରପାରିକୁ ଚାଲିଗଲେ ସ୍ୱାମୀ-ସ୍ତ୍ରୀ

# ବୃଦ୍ଧଙ୍କ କାନ୍ଧରେ ଦୁଇ ନାତୁଣୀଙ୍କ ବୋଝ

ପୋଲସରା,୧୬।୪(ସମିସ)



ସ୍ୱାମୀଙ୍କ ଚିତା ନ ଲିଭୁଣୁ ଚାଲିଗଲା ସ୍ତ୍ରୀଙ୍କ ଜୀବନ। ବାପା ମା’ଙ୍କୁ ହରାଇ ଦୁଇ ନିରୀହ ଝିଅ ଅନାଥ ହୋଇଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ପୋଲସରା ବ୍ଲକ ଗୋଛାବାଡ଼ି ପଞ୍ଚାୟତ ଖୁମୁଳା ଗ୍ରାମରେ। ଗାଁର ବିଶ୍ୱନାଥ ପ୍ରଧାନଙ୍କ ପୁଅ ବିକ୍ରମ ପ୍ରଧାନ ଓ ବୋହୂ ଶାନ୍ତି ପ୍ରଧାନ ଦୀର୍ଘବର୍ଷ ହେଲା କର୍କଟ ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ଯନ୍ତ୍ରଣା ଭୋଗୁଥିଲେ। ଗତ ୫ ତାରିଖରେ ମାତ୍ର କେଇ ଘଣ୍ଟା ଅନ୍ତରରେ ଆଗପଛ ହୋଇ ଚାଲିଗଲେ ବିକ୍ରମ ଓ ଶାନ୍ତି। ବାପା ମା’ଙ୍କୁ ହରାଇ ଅନାଥ ହୋଇଗଲେ ଦୁଇ ଝିଅ ନନ୍ଦିନୀ ଓ ଲଗ୍ନା। ବଡ଼ ଝିଅ ନନ୍ଦିନୀକୁ ୧୨ ବର୍ଷ ହୋଇଥିବା ବେଳେ କସ୍ତୁରୀବା ଗାନ୍ଧୀ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଛି। ସେହିପରି ସାନ ଝିଅ ଲଗ୍ନାକୁ ୧୦ ବର୍ଷ ହୋଇଥିବା ବେଳେ ସେ ଖୁମୁଳା ସ୍କୁଲରେ ପଢୁଛି।

ପୂର୍ବରୁ ଅର୍ଥିକ ଅନଟନରେ ପୁରା ପରିବାର ଦହଗଞ୍ଜ ହେଉଥିବା ବେଳେ ବାପା ବିକ୍ରମ ଓ ମା’ ଶାନ୍ତି ପରଘରେ ମୂଲମଜୁରୀ ଲାଗି ଯାହା ଆଣନ୍ତି ପରିବାର ଚଳେ। ହେଲେ ଏଭଳି ସ୍ଥିତିରେ ୫ ବର୍ଷ ହେବ ବିକ୍ରମ ମଧୁମେହ ରୋଗରେ ପୀଡ଼ିତ ହୋଇ ହାର୍ଟ ଓ ଲିଭର ନଷ୍ଟ ହୋଇ ଯାଇଥିଲା। ସେହିପରି ଶାନ୍ତି ମଧ୍ୟ ଦୁଃଖ କଷ୍ଟକର ପାଷାଣରେ ପେଶି ହୋଇ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହୋଇଥିଲେ। ଆର୍ଥିକ ଅନଟନରେ ପୁରା ପରିବାର ରୋଗର ଚିକିତ୍ସାରେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିଲା। ଏଭଳି ପରିସ୍ଥିତିରେ ପୁଅ-ବୋହୂଙ୍କ ଶୁଦ୍ଧିକ୍ରିୟା ପାଇଁ ମଧ୍ୟ କୌଣସି ଅର୍ଥ ନାହିଁ। ଫଳରେ ବୃଦ୍ଧ ଜେଜେବାପା ବିଶ୍ୱନାଥ ପ୍ରଧାନ ଓ ବୃଦ୍ଧା ଜେଜ ମା’ ସଜନୀ ପ୍ରଧାନ ଦୁଇ ନାତୁଣୀଙ୍କୁ ନେଇ ଏବେ ବଞ୍ଚିବାର ରାହା ଖୋଜୁଛନ୍ତି। ପରିଣତ ବୟସରେ ରୋଜଗାରିଆ ପୁଅ ବୋହୂଙ୍କ ଉପରେ ଆଶ୍ରିତ ଥିବା ବୁଢ଼ା ବାପା ଏବେ ପୁଅ ବୋହୂଙ୍କ ଅକାଳ ବିୟୋଗରେ ଧୈର୍ଯ୍ୟହରା ହୋଇପଡ଼ିଛନ୍ତି। ଆଉ ଏପଟେ କୁନି କୁନି ଦୁଇ ଝିଅଙ୍କ ମୁହଁରେ ଦାନା ମୁଠାଏ ଦେବାର ସକ୍ଷମ ନାହିଁ। ବର୍ତ୍ତମାନ ଏହି ଦୁଇ ଝିଅଙ୍କ ସମସ୍ତ ଦାୟିତ୍ୱ ଜେଜେବାପା ବିଶ୍ୱନାଥଙ୍କ କାନ୍ଧରେ ପଡ଼ିଛି। ସରକାରଙ୍କ ଯୋଜନା କ୍ରମରେ ବାର୍ଦ୍ଧକ୍ୟ ଭତ୍ତା ଭାବେ ମାସିକ ହଜାର ଟଙ୍କା ପାଉଛନ୍ତି। ଯାହା ଆର୍ଥିକ ଅନଟନରେ ସମୁଦ୍ରକୁ ଶଙ୍ଖେ ପରି କେଉଁଆଡ଼େ ମିଳେଇ ଯାଉଛି। ନିଜେ ଦୁର୍ବଳ ଓ ଆର୍ଥିକ ଭାବେ ଅସମର୍ଥ ଥିବା ସତ୍ତ୍ୱେ ଦୁଇ ନାତୁଣୀଙ୍କ ଭବିଷ୍ୟତ ପାଇଁ ଚିନ୍ତା ଘାରିଛି। ସରକାରୀ ଓ ପ୍ରଶାସନିକ ସ୍ତରରେ ଦୁଇ ଝିଅଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ଯୋଜନା ଅଧୀନରେ ଆଣି ସମ୍ପୂର୍ଣ୍ଣ ଦାୟିତ୍ୱ ନେବାକୁ ସେ ଗୁହାରି କରିଛନ୍ତି।

## ୪ଦିନ ହେଲା ସରିଲାଣି ସିଲ୍କ ସିଟି ମହୋତ୍ସବ

# ପଡ଼ିଆରୁ ହଟୁନି ଟେଣ୍ଟ; କ୍ରୀଡ଼ାବିତ୍ ନିରାଶ




ସବୁଦେଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚୁପ୍

ବ୍ରହ୍ମପୁର,୧୬।୪(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଚଳିତମାସ ୬ରୁ ୧୨ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ସପ୍ତାହ ଧରି ସିଲ୍କ ସିଟି ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଶେଷ ହେବାର ୪ଦିନ ବିତିଯାଇଛି। କିନ୍ତୁ ଖେଳ ପଡ଼ିଆର ସ୍ଥିତି ସୁଧୁରିନି। ଖେଳ ପଡ଼ିଆ ଉପରେ ପ୍ରତିଦିନ ଶତାଧିକ ଖେଳାଳିଙ୍କ ସମେତ ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ଖେଳ ପଡ଼ିଆର କଦର୍ଯ୍ୟ ଅବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଖେଳ ପଡ଼ିଆରୁ ଟେଣ୍ଟ ହଟାଯାଇନଥିବାରୁ ଖେଳାଳିମାନେ ଅସୁବିଧାରେ ପଡୁଛନ୍ତି। ସହରରେ ଖେଳ ପଡ଼ିଆ ଅଭାବ ସମସ୍ୟା ଆହୁରି ଗଭୀର ହୋଇଯାଇଛି। ମହୋତ୍ସବ ସମୟରେ ପ୍ରବେଶ ଓ ବିଭିନ୍ନ ବ୍ୟବସ୍ଥା ପାଇଁ ଖେଳ ପଡ଼ିଆରେ ବିଶାଳ ପରିମାଣରେ ଟେଣ୍ଟ ପୋତାଯାଇଛି। ତେବେ କାର୍ଯ୍ୟକ୍ରମ ଶେଷ ପରେ ମଧ ସେଗୁଡ଼ିକୁ ହଟାଇବାରେ ବିଳମ୍ବ ହେଉଥିବାରୁ ସାରା ପଡ଼ିଆ ଟେଣ୍ଟରେ ଆବୃତ ରହିଛି। ଏହା ସହିତ ମହୋତ୍ସବ ପାଇଁ ପ୍ରବେଶ ନିମନ୍ତେ ଖେଳ ପଡ଼ିଆର ପାଚେରିକୁ ଭଙ୍ଗାଯାଇଥିଲା, କିନ୍ତୁ ଏପର୍ଯ୍ୟନ୍ତ ତାହାର ପୁନଃନିର୍ମାଣ ହୋଇନାହିଁ। ଏଥିରୁ ଖେଳ ପଡ଼ିଆର ସୁରକ୍ଷା ଓ ରକ୍ଷାବେକ୍ଷଣ ନେଇ ପ୍ରଶ୍ନ ଉଠିଛି। ସେହିପରି ଖେଳପଡ଼ିଆ ପରିସରରେ ରହିଥିବା ଶୌଚାଳୟ ସଫା ହୋଇନଥିବା ବେଳେ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏହାସହ ପଡ଼ିଆର ବିଭିନ୍ନ ସ୍ଥାନରେ ଖାଲଖମା ରହିଥିବାରୁ ଖେଳାଳିଙ୍କ ଅଭ୍ୟାସ ନିମନ୍ତେ ସମସ୍ୟା ହେଉଛି। ସହରରେ ଖେଳ ପଡ଼ିଆର ଅଭାବ ଥିବାରୁ ଅନେକ ଖେଳାଳି ଏହି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ବର୍ତ୍ତମାନ ଟେଣ୍ଟ ହଟାଯାଇନଥିବାରୁ ତାଙ୍କର ଅଭ୍ୟାସ ପ୍ରଭାବିତ ହେଉଛି ଓ ଅସନ୍ତୋଷ ବୃଦ୍ଧି ପାଉଛି।

ସ୍ଥାନୀୟ ଖେଳାଳି ଓ ଅଭିଭାବକମାନେ ଶୀଘ୍ର ଟେଣ୍ଟ ହଟାଇ ପଡ଼ିଆକୁ ପୂର୍ବ ଅବସ୍ଥାକୁ ଫେରାଇବା ସହିତ ପାଚେରି ପୁର୍ନନିର୍ମାଣ କରିବାକୁ ଦାବି କରିଛନ୍ତି। ଏହି ଘଟଣା ସହରରେ କାର୍ଯ୍ୟକ୍ରମ ପରବର୍ତ୍ତୀ ପରିଚାଳନା ନେଇ ପ୍ରଶାସନର ଅବହେଳାକୁ ସ୍ପଷ୍ଟ କରୁଛି। ସେହିପରି ସମସ୍ୟା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଅବଗତ ରହିଥିବା ବେଳେ କାର୍ଯ୍ୟକ୍ରମରେ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସମ୍ପୃକ୍ତି ରହିଥିବାରୁ ଜାଣିଶୁଣି କର୍ତ୍ତୃପକ୍ଷ ଚୁପ୍ ରହୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପଡ଼ିଆରୁ ଶୀଘ୍ର ଟେଣ୍ଟମୁକ୍ତ ସହ ପୂର୍ବ ଅବସ୍ଥାକୁ ଫେରାଇବା ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ କୁହାଯାଇଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳ ରେଜିଷ୍ଟ୍ରାର ପାର୍ବତୀ ମଞ୍ଜରୀ ମହାଲିକ କହିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ




ବ୍ରହ୍ମପୁର,୧୬।୪(ସମିସ): ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଧା ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସଭାରେ ପୁଲିସ ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପୁନଃପ୍ରଦାନ କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଥିଲା। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ସକାଶେ ପତ୍ର ପ୍ରଦାନ କରିବାକୁ ସ୍ଥିର କରାଗଲା। କେନ୍ଦ୍ର ସରକାର ପୁନଶ୍ଚ ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ପୂର୍ବ ପ୍ରଚଳିତ ରିହାତି ଯଥାଶୀଘ୍ର ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ଏ ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସ୍ୱର୍ଗତ ନର୍ସୁ ଜେନାଙ୍କ ମାମୁଁର ସଦଗତି କାମନା କରି ନିରବ ପ୍ରାର୍ଥନା କରା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାରେ ସମ୍ପାଦକ ରଜନୀକାନ୍ତ ମଣ୍ଡଳ କୋଷାଧ୍ୟକ୍ଷ ଲଡ୍ଡୁ କେଶ ମିଶ୍ର, ରବିନ୍ଦ୍ର କୁମାର ନାୟକ, ଶ୍ୟାମା ପ୍ରସାଦ ପାଢୀ, ବିଜୟ କୁମାର ସାହୁ, କେ. କିରଣ କୁମାର ଦୋରା ଓ ସୁବାସ ଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ।

## ନାବାଳିକା ଅସଦାଚରଣ ମାମଲା

# ଦୁଇ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ୍

ବ୍ରହ୍ମପୁର,୧୬।୪(ସମିସ): ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ପ୍ରଣତୀ ପଟ୍ଟନାୟକ ଗୁରୁବାର ଜଣେ ନାବାଳିକାଙ୍କୁ ଅସଦାଚାରଣ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ରାମଚନ୍ଦ୍ର ଦାସ(୨୬) ଓ ଶମ୍ଭୁ ଦାସ(୨୪)। ପ୍ରତ୍ୟେକଙ୍କୁ ୩ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ ସହ ୬ହଜାର ଟଙ୍କା ଲେଖାଏଁ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ପ୍ରତ୍ୟେକ ୪ମାସ ଲେଖାଏଁ ଅତିରିକ୍ତ ଜେଲ୍ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ସେ ଜିଲ୍ଲା ଆଇନସେବା ପ୍ରାଧୀକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୫ ଏପ୍ରିଲ ୧୪ରେ ଜଣେ ୧୭ବର୍ଷର ନାବାଳିକା ମେରୁ ଯାତ୍ରା ଦେଖିବାକୁ ଯାଇଥିବାବେଳେ ସେଠାରେ ରାମଚନ୍ଦ୍ର ସର୍ବସାଧାରଣରେ ନାବାଳିକାଙ୍କୁ ଅସଦାଚାରଣ କରିଥିଲେ। ପ୍ରତିବାଦ କରି ସେଠାରୁ ସେ ଖସି ଘରକୁ ଆସି ବାପା ଓ ମା'ଙ୍କୁ ଜଣାଇଥିଲେ। ରାତି ପ୍ରାୟ ୯ଟାରେ ରାମଚନ୍ଦ୍ର ଓ ତାଙ୍କର କିଛି ସହଯୋଗୀ ପୀଡ଼ିତାଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିଥିଲେ। ପରିବାର ଲୋକ ପ୍ରତିବାଦ କରିବାରୁ ରାମ ଓ ତାଙ୍କ ସହଯୋଗୀ ମାର୍‌ପିଟ୍ କରିବା ସହ ଉକ୍ତ ନାବାଳିକାଙ୍କୁ ଉଠାଇ ନେବାକୁ ଧମକ ଦେଇଥିଲେ। ଏନେଇ ପୀଡ଼ିତାଙ୍କ ବାପା କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ନଂ.୨୭୧/୨୫ରେ ଏକ ମାମଲା ରୁଜୁ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ସେମାନେ ଜାମିନ ପାଇଥିଲେ। ମାମଲାର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଉଭୟ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।

## ଗଞ୍ଜାମ ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ସମ୍ବିଧାନ ରକ୍ଷାରେ ମୂଳସୂତ୍ର ସାଜିବେ ଯୁବକ

ବ୍ରହ୍ମପୁର,୧୬।୪(ସମିସ): ସ୍ଥାନୀୟ ବାପୁଜୀ ଆଶ୍ରମ ପରିସରରେ କଂଗ୍ରେସ ଗଞ୍ଜାମ ଜିଲ୍ଲା(ପୂର୍ବ) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। କଂଗ୍ରେସ ପକ୍ଷରୁ ସମ୍ବିଧାନ ଲିଡରସିପ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ସାରା ଦେଶରେ ଲୋକଙ୍କୁ ସଚେତନ କରାଯାଉଛି। ଜିଲ୍ଲାର ଯୁବ କର୍ମକର୍ତ୍ତାଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଯୁବକମାନେ କିପରି ଆଗକୁ ଆସି ଦେଶରେ ୫ମ ସ୍ତମ୍ଭ ସାଜିବେ ସେ ନେଇ ଲୋକସଭାର ବିରୋଧ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରେରଣାରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହା ଆଗାମୀ ଦିନରେ ଦେଶର ସମ୍ବିଧାନ ରକ୍ଷାରେ ମୂଳସୂତ୍ର ସାଜିବ ବୋଲି ଜାତୀୟ ଯୁବ କଂଗ୍ରେସ ଆଇଟି ସେଲ ସଂଯୋଜକ ରାଜା ଅହମ୍ମଦ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ, ଗଞ୍ଜାମ ଜିଲ୍ଲା(ପଶ୍ଚିମ) ଯୁବ ସଭାପତି ସଞ୍ଜୟ ମଣ୍ଡଳ ଓ ନଗର ଯୁବ ସଭାପତି ତତସତ୍ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ଥିଲେ।




## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା




ବ୍ରହ୍ମପୁର,୧୬।୪(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ପ୍ରାଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଯୋଗ ଦେଇ ରସାୟନ ବିଜ୍ଞାନ ପାଠର ଉପଯୋଗିତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାରୋହରେ ରସାୟନ ବିଜ୍ଞାନ ସମ୍ମାନ ୩ୟ ବର୍ଷ ଓ ସ୍ନାତକୋତ୍ତର ୨ୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟା ଡ. ବନଲତା ସାହୁ ସ୍ୱାଗତ ସମ୍ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ ପରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ରତ୍ନାକର ମିଶ୍ର, ପାରାଉ ମାଝୀ, ରୋଜିସ୍ମିତା ପାତ୍ର, ରଶ୍ମି ରଞ୍ଜନ ସାମଲ ଓ ମୈତ୍ରୀ ବରାଳ ଉପସ୍ଥିତ ଥିଲେ।

# ସବୁଜ ବାହିନୀକୁ 'ଟ୍ରି ଆମ୍ବୁଲାନ୍ସ' ପ୍ରଦାନ




ବ୍ରହ୍ମପୁର,୧୬।୪(ସମିସ): ଏଲଆଇସି ଗୋଲ୍‌ଡ଼େନ ଜୁବ୍‌ଲି ଫାଉଣ୍ଡେସନ ପକ୍ଷରୁ ବ୍ରହ୍ମପୁର ସବୁଜ ବାହିନୀକୁ ଏକ 'ଟ୍ରି ଆମ୍ବୁଲାନ୍ସ' ପ୍ରଦାନ କରାଯାଇଛି। ଏହି ଆମ୍ବୁଲାନ୍ସ ଆଗାମୀ ଦିନରେ ଆହତ, ଉପାଡ଼ି ଯାଇଥିବା ଓ ବିପଦଗ୍ରସ୍ତ ବୃକ୍ଷଗୁଡ଼ିକୁ ସୁରକ୍ଷିତ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇ ପୁନର୍ଜୀବନ ଦେବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ଏଏଲଆସିର ଡିଭିଜନାଲ୍ ମ୍ୟାନେଜର ସୁଶାନ୍ତ ପାଣିଗ୍ରାହି, ଷ୍ଟାଫ୍ ମ୍ୟାନେଜର୍ ଦେବାଶିଷ ମହାପାତ୍ର, ବସନ୍ତ କୁମାର ସାହୁ, ମାନସ କୁମାର ସ୍ୱାଇଁ, ପ୍ରଭାକର କୁମାର ସାମନ୍ତରାୟ, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଞ୍ଜୟ ସାମନ୍ତରାୟ, ଏ. ପ୍ରକାଶ, ସ୍ୱାଧୀନ କୁମାର ସାହୁ, ଅନୀଲ ଚୌଧୁରୀ, ଅଜୟ କୁମାର ସାହୁ, ସୁଜାତା ମହାରଣା, ସୁଶୀଲ କୁମାର ଓ ନବୀନ ସାହୁ ଉପସ୍ଥିତ ରହିଥିଲେ।

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସିଆର୍‌ସିସିଙ୍କ ସାମୂହିକ ଇସ୍ତଫାପତ୍ର



ବ୍ରହ୍ମପୁର,୧୬।୪(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ସମସ୍ତ ୧୭ଜଣ ସିଆରସିସି(କ୍ଲଷ୍ଟର ରିସୋର୍ସ ସେଣ୍ଟର କୋର୍ଡିନେଟର) ଜିଲ୍ଲା ଶିକ୍ଷାଧିକାରୀ ତଥା ଡିପିସିଙ୍କୁ ସାମୂହିକ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ଶିକ୍ଷାଦାନ, ଶିକ୍ଷା ପ୍ରଶାସନର ଅତିରିକ୍ତ କାମରେ ଅତିଷ୍ଠ ହୋଇ ସିଆସିସିମାନେ ଏଭଳି ନିଷ୍ପତି ନେଇଛନ୍ତି। ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସହ ବ୍ଲକ ପ୍ରଶାସନ ପକ୍ଷରୁ ମାନସିକ, ଶାରିରୀକ ଓ ଆର୍ଥିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସିଆରସିସିମାନେ ଏଭଳି ପରିବେଶରେ କାମ କରିବା କଷ୍ଟସାଧ ହୋଇପଡୁଥିବା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାସହ ବିଭିନ୍ନ ବୈଠକରେ ବ୍ଲକ ଶିକ୍ଷା ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସାମ୍ନାରେ ସିଆରସିସିଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।

ଏହାର ପ୍ରତିବାଦରେ ବ୍ଲକର ସମସ୍ତ ସିଆର୍‌ସିସି କାର୍ଯ୍ୟରୁ ଅବ୍ୟାହତି ପ୍ରଦାନ କରିବାକୁ ଶିକ୍ଷାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଦାବିପତ୍ର ଦେବା ସମୟରେ ସିଆରସିସି ଅଭୟ କୁମାର ସେଠୀ, ଗୋପାଳ କୃଷ୍ଣ ପଣ୍ଡା, ୟୁ. ଭାରତୀ, ସସ୍ମିତା ଦେବୀ, ବିଜୟ କୁମାର ନାୟକ, ବାଙ୍କ ପ୍ରଧାନ ଓ ରବିନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




## ପୋଖରୀରେ ବୁଡ଼ି ଯୁବକ ମୃତ

ବ୍ରହ୍ମପୁର,୧୬।୪(ସମିସ): ନିମଖଣ୍ଡି ଅଞ୍ଚଳର ଅମରନାଥ ବାରିକ (୨୪) ପୋଖରୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଅମରନାଥ ସମ୍ପର୍କୀୟ ଭାଇମାନଙ୍କ ସହ ନିମଖଣ୍ଡିର ପଣ୍ଡା ପୋଖରୀରେ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ। ସ୍ଥାନୀୟ ବାସିନ୍ଦା ଆଙ୍କୁଶପୁର ଅଗ୍ନିଶମ ବିଭାଗକୁ ଜଣାଇବାରୁ ଅଗ୍ନିଶମ ବିଭାଗ ତାଙ୍କୁ ଖୋଜାଖୋଜି କରି ପାଣି ଭିତରୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିମଖଣ୍ଡି ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କୃଷ୍ଣ ଶାହା କହିଛନ୍ତି।






## ଶିବ ନାହାକ ହତ୍ୟା ଘଟଣା; ମୁଖ୍ୟ ଅଭିଯୁକ୍ତ ଗିରଫ

ଆସିକା,୧୬ ।୪(ସମିସ): କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମ ମୁଖ୍ୟ ରାସ୍ତାରେ ଗତ ୧୪ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶିବ ନାହାକ (୩୦)ଙ୍କୁ ଛୁରି ଭୂସି ହତ୍ୟା କରାଯାଇଥିଲା । ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଧନୁ ମହାନ୍ତିଙ୍କୁ ପୁଲିସ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଛୁରି ଜବତ କରିଛି । ପ୍ରକାଶ ଯେ, ଶିବ ଗତ ସପ୍ତାହରେ ସୁରାଟରୁ ଶଶୁର ଘର ଦେଇ ପରେ ନିଜ ଗ୍ରାମକୁ ଫେରିଥିଲା । ମେରୁଯାତ୍ରା ପରେ ଭେଟନଇ ଠାରେ ଥିବା ଏକ ମଦ ଦୋକାନ ସମ୍ମୁଖରେ ଶିବା ଠିଆ ହୋଇଥିବାବେଳେ ତାଙ୍କୁ ଆକ୍ରମଣ କରାଯାଇଥିଲା । କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ଅଭିଯୁକ୍ତ ଧନୁକୁ ଗିରଫ କରିବା ସହିତ ହତ୍ୟାରେ ବ୍ୟବହୃତ ଛୁରି ଜବତ କରିଥିଲା । ଅଭିଯୁକ୍ତର ଡାକ୍ତରୀ ପରୀକ୍ଷା ପରେ ସ୍ଥାନୀୟ ଜେଏମଏଫସିରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଆସିକା ସବ ଜେଲକୁ ପଠାଇ ଦିଆଯାଇଛି । ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରୀ କହିଛନ୍ତି । ମୃତକର ସ୍ତ୍ରୀ ପିଙ୍କି ନାହାକର ଅଭିଯୋଗ ପ୍ରକାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି ।

## ମନ୍ଦିର ପ୍ରତିଷ୍ଠା ଲାଗି କଳସ ଯାତ୍ରା



କବିସୂର୍ଯ୍ୟନଗର,୧୬ ।୪(ସମିସ): କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ସିଆଳିଆ ଗ୍ରାମରେ ବିଜେ ମା’ ବୁଢ଼ୀଠାକୁରାଣୀ ଓ ମା’ ଗ୍ରାମଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ମହାଯଜ୍ଞ ଲାଗି କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରଚାରକ ସମ୍ରାଟ ପଣ୍ଡିତ ଚନ୍ଦ୍ରମଣି ମିଶ୍ର ଓ ହୃଷୀକେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତିରେ ଏହା ଅନୁଷ୍ଠିତ ହେଉଛି । ପ୍ରତିଷ୍ଠା ଉତ୍ସବ ଲାଗି ଗୁରୁବାର ପୂର୍ବାହ୍ନରେ ସିଆଳିଆ ଗ୍ରାମବାସୀଙ୍କ ଦ୍ୱାରା ନିକଟସ୍ଥ ନନ୍ଦିଆଗଡା ଧନେଇ ନଦୀରୁ କଳସଯାତ୍ରା ବହାରି ଗ୍ରାମ ପରିକ୍ରମା କରିଥିଲେ । ପ୍ରଥମ ଦିନରେ ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ ପ୍ରତିଷ୍ଠା କର୍ମାରମ୍ଭ, ବ୍ରାହ୍ମଣ ବରଣ, ସାଲା ସଂସ୍କାର, ଅଗ୍ନି ସଂସ୍କାର, ଯମୁନା ଆବାହନ, ନାମଯଜ୍ଞ, ତୃତୀୟ ଦିନରେ ସୂର୍ଯ୍ୟପୂଜା, ରତ୍ନମୁଦ, ପ୍ରାଣ ପ୍ରତିଷ୍ଠା ଆଦି ଚତୁର୍ଥ ଦିନରେ ଦେବୀଙ୍କ ନଗର ପରିକ୍ରମା, ଶିଳା, ଯୁପ, ଧ୍ୱଜା, ଦେବୀଙ୍କ ସିଂହାସନ ଆରୋହଣ, ଆଦି ଓ ଶେଷ ପଞ୍ଚମ ଦିନରେ ଦଧି ହାଣ୍ଡି ଭଗ୍ନ, ନଗର କୀର୍ତ୍ତନ ଅନୁଷ୍ଠିତ ହେବ ।

## ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବେଲଗୁଣ୍ଠା,୧୬ ।୪(ସମିସ): କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ “ଜୈବ ବିବିଧତା’ ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ଗିରିଧାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମାନୀତ ଅତିଥି ଭାବେ ରାସାୟନିକ ବିଭାଗର ମୁଖ୍ୟ ଡ଼ଃ. ଇ. ରବି ନାରାୟଣ ପାତ୍ର ମଣିଷକୁ ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଯୋଗାଇ ଦେବାରେ ଜୈବ ବିବିଧତାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମତବ୍ୟକ୍ତ ରଖିଥିଲେ । ଅନ୍ୟତମ ଅତିଥି ଯୁବ ରେଡ଼କ୍ରସ ଉପଦେଷ୍ଟା ଡ଼ଃ. ସଞ୍ଜୀବ କୁମାର ଦାଶ ଜଳବାୟୁ ନିୟନ୍ତ୍ରଣ ଏବଂ ମୃତ୍ତିକା ସଂରକ୍ଷଣରେ ଏହାର ପ୍ରମୁଖ ଭୂମିକା ରହିଛି ବୋଲି ତଥ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ବିଭାଗର ଅନୀତା ତ୍ରିପାଠୀ ଯୋଗଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଉଦ୍ଭିଦ ବିଜ୍ଞାନଗାରର ସହାୟକ ଭୂଷଣ ଗୌଡ଼ଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ଟିକାବାଲି,୧୬।୪(ସମିସ): ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଗଣିତ, ପଦାର୍ଥ ଓ ରସାୟନ ବିଜ୍ଞାନ ତରଫରୁ ସ୍ନାତକ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି । ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବୀୟ ମୂଲ୍ୟବୋଧରେ ନିଜକୁ ଗଢି ସୁସ୍ଥ ସମାଜ ଗଠନ କରି ନିଜେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ନିଜକୁ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ, ବନମାଳୀ ବେହେରା, ନରେନ୍ଦ୍ର ଦିଗାଲ, ଗଣିତ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ, ପଦାର୍ଥ ବିଜ୍ଞାନର ଅମୂଲ୍ୟ ସାବତ, ରାସାୟନ ବିଭାଗର ରମେଶ ଚନ୍ଦ୍ର ସାହୁ ଛାତ୍ରଛାତ୍ରୀ ଭବିଷ୍ୟତ ନିଜକୁ କିପରି ପ୍ରସ୍ତୁତି କରିବେ ପରାମର୍ଶ ଦେଇଥିଲେ । ଅଧ୍ୟାପକ ସନ୍ତୋଷ କୁମାର ରଥ, ଶଙ୍କର ପାଢ଼ୀ, ଜ୍ଞାନରଞ୍ଜନ ଭୋଇ, ଭଞ୍ଜ କିଶୋର ସାହୁ, ମନୋଜ ମହାରଣା, ନରେନ୍ଦ୍ର ରଣା, ସୌରଭ ତ୍ରିପାଠୀ, ସଂଗ୍ରାମ ବେହେରା, ସୁରଜ କୁମାର ସୁବୁଦ୍ଧି, ଅଧ୍ୟାପିକା ସ୍ମିତାରାଣୀ ସାହୁ, ସଂଘମିତ୍ରା ଦାସ, ଲିଜାରାଣୀ ମହାରଣା, ରଶ୍ମିତା ଦେହୁରୀ, ବରିଷ୍ଠ କାର୍ଯ୍ୟାଳୟ ଅଧିକାରୀ ମନୋଜ କୁମାର ଭୋଇ ମଞ୍ଚାସୀନ ଥିଲେ । ଛାତ୍ର ଆଶୁତୋଷ ପାଢ଼ୀ ମଞ୍ଚ ସଂଚାଳନ କରିଥିବାବେଳେ ଛାତ୍ର ଶୁଭମ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

ରାସ୍ତା ନିର୍ମାଣ ଦାବି

# ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଲେ ଗାଁ ସାରା ଲୋକ

ଜି.ଉଦୟଗିରି,୧୬।୪(ସମିସ)




ରାସ୍ତା ନିର୍ମାଣ ଦାବି କରି ନିରାଶ ହେବା ପରେ ପୁରା ଗାଁ କାମଦାମ ଛାଡି ଜିଲ୍ଲା କାର୍ଯ୍ୟାଳୟକୁ ଦୌଡିଥିଲେ । ଏମିତି ଘଟଣା ଦେଖିବାକୁ ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତରେ । ସାଧାରଣ ନାଗରିକ କମିଟି ଦ୍ୱାରା ମୁଖ୍ୟ ସଡ଼କ ନିର୍ମାଣ ଦାବି ନେଇ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ କୌସିକ ଚନ୍ଦ୍ର ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ଶ୍ରୀରାମପଦା ଛକ ଠାରୁ ଭାୟା ରଟିଙ୍ଗିଆ ପଞ୍ଚାୟତ ହୋଇ ଗ୍ରେସିଙ୍ଗିଆ ପଞ୍ଚାୟତରେ ସଂଯୋଗ ହୋଇଛି । ରାସ୍ତା ଦୀର୍ଘ ମାସ ଧରି ମରଣଯନ୍ତା ପାଲଟିଥିବା ବେଳେ ଗର୍ଭବତୀ ମହିଳା, ରୋଗୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଯାତାୟତ ବାଧାପ୍ରାପ୍ତ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲାପ୍ରଶାସନ ଓ ସରକାରଙ୍କୁ ମଧ୍ୟ ଅନେକ ଥର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଫଳ ହୋଇନଥିବାରୁ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟକୁ ଶତାଧିକ ପୁରୁଷ ମହିଳା ଦାବିପତ୍ର ଦେବାକୁ ଯାଇଥିଲେ । କିନ୍ତୁ ଜିଲ୍ଲାପାଳଙ୍କ ଅନୁପସ୍ଥିତି ଥିବା ଯୋଗୁଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଆସନ୍ତା ୧୯ ଏପ୍ରିଲ ସୁଦ୍ଧା ମୁଖ୍ୟରାସ୍ତାର କାର୍ଯ୍ୟ ଆରମ୍ଭ ନହେଲେ ମେ ୨ ତାରିଖରୁ ଆନ୍ଦୋଳନ କରାଯିବାକୁ କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଆସନ୍ତା ଦୁଇଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ମିଳିଛି । ଦାବିପତ୍ର ପ୍ରଦାନରେ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ଘୁ.ଉଦୟଗିରି ଉପାଧ୍ୟକ୍ଷ ଏନ. ଲୁକ, ନାଏବ ସରପଞ୍ଚ ସାରଳା ପ୍ରଧାନ, ଏମବିକେ ଡି. ସବନମ ସଧାରଣ ନାଗରିକ କମିଟି ସଭାନେତ୍ରୀ ଦମ୍ବିକା ନାୟକ, ସମ୍ପାଦକ ବିକି ପ୍ରଧାନ, ସମାଜସେବୀ ହୃଷୀକେଶ ପ୍ରଧାନ, ସିଦ୍ଧାନ୍ତ ରଞ୍ଜନ ପ୍ରଧାନ, କୋରାଲ ମଲ୍ଲିକ, ସଦାନନ୍ଦ ନାୟକ, ବିରାଜ ପ୍ରଧାନ, ଫିଲିମନ୍ ପ୍ରଧାନ, ସୁଯୋଗାନନ୍ଦ ପ୍ରଧାନ, ମିଲନ କୁମାର ନାୟକଙ୍କ ସମେତ ୱାର୍ଡସଭ୍ୟ , ଇସି ମେମ୍ବର, ଅଟୋ ଚାଳକ ସଂଘ ସଭ୍ୟ, ସିଆରପି, ଗାଁ ମେଟ୍ ଓ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇଥିଲେ ।

## ଚୋରା ମୋବାଇଲ୍ ରାକେଟ୍‌ର ପର୍ଦ୍ଦାଫାସ୍; ୨ ଗିରଫ

ବେଲଗୁଣ୍ଠା,୧୬ ।୪(ସମିସ): ବେଲଗୁଣ୍ଠା ପୁଲିସ ସହରର ମେଦିରିସାହି ଅଞ୍ଚଳରେ ଚାଲିଥିବା ଏକ ଚୋରା ମୋବାଇଲ୍ କାରବାର ଉପରେ ଚଢ଼ଉ କରି ଦୁଇ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରିଛି । ସେମାନେ ହେଲେ ଗିରଫ ଦୁଇ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମାଲଦା ଜିଲ୍ଲା ହରିଶ୍ଚନ୍ଦ୍ରପୁର ଥାନା ତାଲଗାଛି ଗ୍ରାମର ଅସ୍ରଫୁଲ୍ ହକ୍ (୪୨) ଓ ଖିଦିରପୁର୍ ଗ୍ରାମର ନୁରୁଲ୍ ଇସଲାମ୍ (୩୦) । ପ୍ରକାଶ ଯେ, ବେଲଗୁଣ୍ଠା ମେଦିରି ସାହିରେ ଏକ ଭଡ଼ାଘରେ ରହି କିଛି ବ୍ୟକ୍ତି ବେଆଇନ କାର୍ଯ୍ୟକଳାପ ଚଳାଇଥିବା ଖବର ପାଇ ବେଲଗୁଣ୍ଠା ପୁଲିସ ଚଢ଼ଉ କରିଥିଲା । ସେଠାରୁ ବିପୁଳ ପରିମାଣର ଚୋରା ମୋବାଇଲ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଥିଲା ।

**୨୬ ମୋବାଇଲ ସହ ସିମ୍ କାର୍ଡ ଜବତ**

ଜବତ ସାମଗ୍ରୀ ମଧ୍ୟରେ ୨୬ଟି ବିଭିନ୍ନ କମ୍ପାନୀର ଚୋରା ମୋବାଇଲ୍ ଫୋନ୍, ୩୯ଟି ମୋବାଇଲ୍ ବ୍ୟାଟେରି, ୧୬ଟି ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍‌କାର୍ଡ, ଗୋଟିଏ ବାଇକ୍, ଗୋଟିଏ ଟିଭିଏସ୍ ଏକ୍ସେଲ୍ ମୋପେଡ୍ ରହିଛି । ଅସ୍ରଫୁଲ ଓ ନୁରୁଲ୍‌ଙ୍କୁ ଏଠାରେ ଫେରିବାଲା ଭାବେ କାମ କରିବା ଆଳରେ ଚୋରା ମୋବାଇଲ୍ କାରବାର କରୁଥିବା ସନ୍ଦେହ କରାଯାଉଛି । ବେଲଗୁଣ୍ଠା ପୁଲିସ ନଂ- ୧୭୮/୨୬ରେ ଏକ ମାମଲା ରୁଜୁ କରିଛି । ଏହି ଗ୍ୟାଙ୍ଗ ସହ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ଏବଂ ଏହି ମୋବାଇଲ୍ ଗୁଡ଼ିକ କେଉଁଠାରୁ ଚୋରି ହୋଇଥିଲା, ସେନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି ।

## ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ



ଆସିକା,୧୬ ।୪(ସମିସ): ଓଡିଶା ଅଗ୍ନିସେବା ସେବା ସଂସ୍ଥା ଆନୁକୂଲ୍ୟରେ ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା କୌଶଳ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଓଡିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ସଂସ୍ଥା ଦକ୍ଷିଣାଞ୍ଚଳ, ବ୍ରହ୍ମପୁରର ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମରେ ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ବାଲ ଗୋପାଳ ବେହେରା, ଆସିକା ଅଗ୍ନିଶମ ଓ ଜରୁରୀକାଳୀନ ସେବା କେନ୍ଦ୍ରର କେନ୍ଦ୍ରାଧିକାରୀ କୈଳାଶ ଚନ୍ଦ୍ର ସାହୁ, ମୁଖ୍ୟ ଅଗ୍ନିଯୋଦ୍ଧା ଅଶୋକ କୁମାର ବାରିକ, ଆଗ୍ନିକ ଗାଡ଼ି ଚାଳକ ଜଟକିଶୋର ହାତୀ, ଅଗ୍ନି ଯୋଦ୍ଧା ରଞ୍ଜନ କୁମାର ଭୋଇ, ବାବୁଲା ଗୌଡ଼, ଅଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବାତ୍ୟା ସମୟରେ ଗଛ ମୂଳରେ ନରହିବା, ବଜ୍ରପାତ ସମୟରେ ମୋବାଇଲ ଟାୱାର ନିକଟରେ ନରହିବା, ବାତ୍ୟା ଓ ମାତ୍ରାଧିକ ପବନ ସମୟରେ ବିପଦସଂକୁଳ ଘର, କାନ୍ଥଠାରୁ ଦୂରରେ ରହିବା, ଗ୍ୟାସ ଚୁଲାରେ ରୋଷେଇ ସମୟରେ ସତର୍କତା ଅବଲମ୍ବନ କରିବା, ରାସ୍ତାରେ ଗାଡ଼ି ମଟର ଚଳାଇବାବେଳେ ସତର୍କତା ଅବଲମ୍ବନ କରିବାକୁ ଅଗ୍ନିଶମ ବାହିନୀ ତରଫରୁ ସଚେତନ କରାଯାଇଥିଲା ।

## ଜନଗଣନା କିଟ୍ ବଣ୍ଟନ କାର୍ଯ୍ୟକ୍ରମ



ଧରାକୋଟ,୧୬ ।୪(ସମିସ): ଧରାକୋଟ ତହସିଲ ଅଧୀନରେ ଥିବା ୨୭୯ ଏଲଏଚଭିରେ ସରକାରୀ ଘୋଷଣା ଅନୁଯାୟୀ ଗୁରୁବାର ସକାଳୁ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମେ ଚାର୍ଜ ଅଫିସର ଲମ୍ବୋଦର ମାରାଣ୍ଡି ଓ ଅତିରିକ୍ତ ଚାର୍ଜ ଅଫିସର ଗଣେଶ ଦଳାଇଙ୍କ ଉପସ୍ଥିତିରେ ୩୦ ଜଣ ସୁପରଭାଇଜର ଓ ୧୮୪ ଜନ ଜନଗଣନାକାରୀଙ୍କୁ ପରିଚୟ ପତ୍ର ଓ କିଟ୍ ବ୍ୟାଗ ବଣ୍ଟନ କରାଯାଇଥିଲା । ତହସିଲଦାର ତଥା ଚାର୍ଜ ଅଫିସର ଗ୍ରାମୀଣ ଧରାକୋଟ ଲମ୍ବୋଦର ମାରାଣ୍ଡି, ସୁପରଭାଇଜର ସୌରୀ ଶଙ୍କର ବେହେରା, ଜନଗଣନାକାରୀ ମିନତି ପତ୍ରୀ, ଝରଣା ସେନାପତି, ସୁପର୍ଣ୍ଣା ପ୍ରଧାନଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ବାସଭବନରୁ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା । ସ୍ୱଗୃହ ଗଣନା ଶେଷ ପରେ ଗୁରୁବାର ଜନଗଣନାର ପ୍ରଥମ ଦିନରେ ଡ୍ରାଫ୍ଟ ମ୍ୟାପ୍ ପ୍ରସ୍ତୁତି, ଏଲଏଚଭି ସହିତ ପରିଚିତ ହେବା କାର୍ଯ୍ୟ, ଗୃହର ନମ୍ବରିଂ କେଉଁ ଦିଗରୁ ପ୍ରସ୍ତୁତ ହୋଇ କେଉଁ ଦିଗରେ ସମାପ୍ତ ହେବ ତାହାର ଆକଳନ କରି ଘର ନମ୍ବରିଂ କରାଯାଇଥିଲା । ଏହି ପ୍ରକ୍ରିୟା ଆସନ୍ତା ମେ’ ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ଚାର୍ଜ ଅଫିସର ପ୍ରକାଶ କରିଛନ୍ତି ।

## ଶିକ୍ଷକ ସଂଘର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ଧରାକୋଟ,୧୬ ।୪(ସମିସ): ଧରାକୋଟ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଶୁଭାରମ୍ଭ ହୋଇଯାଇଛି । ବିଇଓ ରମେଶ ଚନ୍ଦ୍ର ସାହୁ ଏହାର ଉଦଘାଟନ କରିଥିବାବେଳେ ଅତିଥି ଭାବରେ ଏବିଇଓ ସୌରୀ ଶଙ୍କର ବେହେରା, ବିଭୁତି ଭୂଷଣ ପାତ୍ର, ବ୍ଲକ କ୍ରୀଡ଼ା ସଂଘ ସମ୍ପାଦକ ପାଣ୍ଡବ ସ୍ୱାଇଁ, ସାମ୍ବାଦିକ ହୃଦାନନ୍ଦ ଜେନା, ବିଆରଟି ସୀତାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରଥମ ଭାଗରେ ସୁପରକିଙ୍ଗ ଓ ଡାଇନାଷ୍ଟିକ ୱାରିୟର ମଧ୍ୟରେ ହୋଇଥିବା ଖେଳରେ ସୁପରକିଙ୍ଗ ୬ ୱିକେଟରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଭାଗ ଖେଳରେ ରାଇଜିଂ ଷ୍ଟାର ୯ ୱିକେଟରେ ବିଜୟୀ ହୋଇଥିଲା । ଶିକ୍ଷକ ଅନିଲ ନାୟକ ଓ ଶିକ୍ଷକ ଗଣପତି ଗମାଙ୍ଗ ଦୁଇଟି ମ୍ୟାଚରେ ଅଧିନାୟକ ଭାବରେ ଦାୟିତ୍ୱ ତୁଲାଇଥିବା ବେଳେ ଅମ୍ପାୟାର ଭାବରେ ଶିକ୍ଷକ ଶଶି ରଞ୍ଜନ ଶଙ୍ଖୁଆ ଓ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ ରହିଥିଲେ । ଏବିଇଓ ବିଭୁତି ଭୂଷଣ ପାତ୍ର ଓ ଶିକ୍ଷକ ଶୁକଦେବ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ନୂତନ ଏବିଡିଓଙ୍କ ଦାୟିତ୍ୱ ଗ୍ରହଣ



ଧରାକୋଟ,୧୬ ।୪(ସମିସ): ଧରାକୋଟ ବ୍ଲକର ନୂତନ ଏବିଡିଓ ଭାବରେ ଭବାନୀ ଶଙ୍କର ପ୍ରଧାନ ଯୋଗ ଦେଇଛନ୍ତି । ବ୍ଲକ କର୍ମଚାରୀଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେ କହିଛନ୍ତି ଯେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସାଧାରଣ ଲୋକଙ୍କ ପାଇଁ ରହିଥିବା ଯୋଜନା ଗୁଡ଼ିକର କିପରି ସଫଳ ରୂପାୟନ ହୋଇପାରିବ ଏବଂ ସାଧାରଣ ଲୋକ ମାନେ କିପରି ଏହାର ସୁଫଳ ପାଇବେ ସେଥିପ୍ରତି ଗୁରୁତ୍ୱର ସହ କାର୍ଯ୍ୟ କରାଯିବ । ପ୍ରକାଥାଉ କି, ଏଠାରେ କାର୍ଯ୍ୟରତ ଏବିଡିଓ ନିଜର ପୂର୍ବସ୍ଥାନ ଗଞ୍ଜାମ ବ୍ଲକକୁ ଫେରିଥିବାବେଳେ ସେଠାରେ କାର୍ଯ୍ୟରତ ଥିବା ଏବିଡିଓ ଭବାନୀ ଶଙ୍କର ପ୍ରଧାନ ମଧ୍ୟ ନିଜର ପୂର୍ବସ୍ଥାନ ଧରାକୋଟକୁ ଫେରିଛନ୍ତି ।

## ବିଜେପିର ମିଶ୍ରଣ ପର୍ବ



ପାତ୍ରପୁର,୧୬ ।୪(ସମିସ): ଚିକିଟି ନିର୍ବାଚନମଣ୍ଡଳୀରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ କାର୍ଯ୍ୟଶୈଳୀ ଓ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଗିରସୋଲା ପଞ୍ଚାୟତ ଅନ୍ତର୍ଗତ କୃଷ୍ଣନଗର ଗ୍ରାମର ପ୍ରାୟ ୩୪ ପରିବାର ଓ ଏରଣ୍ଡରା ଗ୍ରାମର ଗୋଟିଏ ପରିବାର ବିଜେପିରେ ସାମିଲ ହୋଇଛନ୍ତି । ଏହି ଅବସରରେ ପାତ୍ରପୁର ସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଆନୁଷ୍ଠାନିକ ଭାବେ ବିଜେପି ଦଳରେ ସାମିଲ ହୋଇଥିବା ୩୫ ପରିବାରର ସମସ୍ତଙ୍କୁ ସ୍ଥାନୀୟ ବିଧାୟକ ଶ୍ରୀ ସାମନ୍ତରା ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ସନ୍ତୋଷ ପାତ୍ର, ଯୁବନେତା ରେଣୁକେଶ୍ୱର ରେଡି, ଜୟନ୍ତୀପୁର ସମିତିସଭ୍ୟ ବାଲାଜୀ ପାଢ଼ୀ, ଭଗବାନ ମଲ୍ଲିକଙ୍କ ସହିତ ଚିକିଟି ଓ ପାତ୍ରପୁର ବ୍ଲକର ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ରକ୍ତଦାନ ଶିବିର; ୬୧ ୟୁନିଟ୍ ସଂଗୃହୀତ



ଦିଗପହଣ୍ଡି,୧୬।୪(ସମିସ): ଦିଗପହଣ୍ଡି ବ୍ଲକ ଚୌଧୁରି ଟିକରପଡ଼ା ଗ୍ରାମସ୍ଥିତ ଶ୍ରୀ ରଘୁନାଥ ବିଦ୍ୟାମନ୍ଦିର ପରିସରରେ ‘ଗରିବ ର ବନ୍ଧୁ’ ସାମାଜିକ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଯୁବ ଦମ୍ପତି ନନ୍ଦିନୀ ଦାସ ଓ ରାଜୀବ ସାହୁଙ୍କ ସମେତ ୬୧ ଜଣ ରକ୍ତଦାନ କରିଥିଲେ । ଗରିବର ବନ୍ଧୁ ସେବା ସଂସ୍ଥାନର ସକ୍ରିୟ ସଦସ୍ୟ ତଥା ଶିକ୍ଷକ କେ. ସୀମାଞ୍ଚଳ ଏବଂ ସାମାଜିକକର୍ମୀ ଶିବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ କାଳୀଚରଣ ସାହୁ, ଅଶୋକ ସାହୁ, ରଞ୍ଜନ ସାହୁ, ସଞ୍ଜୟ ପ୍ରଧାନ, ବସନ୍ତ ପ୍ରଧାନଙ୍କ ସମେତ ଗ୍ରାମର ବହୁ ସଂଖ୍ୟକ ଯୁବକ ପରିଚାଳନା କରିଥିଲେ । ବ୍ରହ୍ମପୁର ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ ।

**ଖୋଲିଲା ଭଞ୍ଜନଗର ୱାଟର୍ ପାର୍କ**

# ଜଳକ୍ରୀଡ଼ାର ମଜା ନେବେ ପର୍ଯ୍ୟଟକ

ଭଞ୍ଜନଗର,୧୬ ।୪(ସମିସ)





ଖୋଲିଲା ଭଞ୍ଜନଗର ୱାଟର୍ ପାର୍କ । ପୁଣିଥରେ ଗ୍ରୀଷ୍ମ ଋତୁରେ ଜଳକ୍ରୀଡାର ମଜା ଉଠାଇବେ ପର୍ଯ୍ୟଟକ । ସ୍ଥାନୀୟ ଜଳସଂପଦ ବିଭାଗ ଦ୍ୱାରା ପରିଚାଳିତ ରାଜ୍ୟର ଏହି ଏକମାତ୍ର ସରକାରୀ ୱାଟର ପାର୍କ ପୁଣିଥରେ ଗୁରୁବାର ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ଏହି ୱାଟର୍ ପାର୍କ ଗତ ୨୦୨୪ ଜାନୁଆରୀ ୨୬ରେ ସେତେବେଳର ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରିଥିଲେ । ପରେ ଏହା ବର୍ଷା ଋତୁ ପୂର୍ବରୁ ବନ୍ଦ ହୋଇଯାଇଥିଲା । ୨୦୨୫ରେ ପୁଣିଥରେ ଏହାର ମରାମତି କରାଯାଇ ବର୍ତ୍ତମାନର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉକ୍ତ ୱାଟର୍ ପାର୍କ ସହ ଏଥିରେ ଫୁଡ୍ କୋର୍ଟ ଆଦି ଉଦ୍‌ଘାଟନ କରି ଏହାକୁ ମେ’ ୪ରୁ ଆରମ୍ଭ କରିଥିଲେ । ଜୁଲାଇ ୨୭ ପର୍ଯ୍ୟନ୍ତ ଏହା ଚାଲିବା ପରେ ବର୍ଷା ଋତୁ ପୂର୍ବରୁ ବନ୍ଦ ହୋଇଥିଲା । ଏବେ ପୁଣିଥରେ ଗୁରୁବାର ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି ବୋଲି ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଚଳିତ ବର୍ଷ ସହରରେ ଠାକୁରାଣୀ ଯାତ୍ରା ଥିବାରୁ ୱାଟର୍ ପାର୍କର ମଜା ନେବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟିବା ଆଶା କରାଯାଉଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ଜଳକ୍ରୀଡା କରିବାକୁ ଆସୁଥିବା ପର୍ଯ୍ୟଟକମାନେ ଏବେ ମାତ୍ର ୨ଶହ ଟଙ୍କାରେ ସକାଳ ୧୦ ଟାରୁ ସନ୍ଧ୍ୟା ୭ଟା ଯାଏ ପାର୍କରେ ମଜା ଉଠାଇପାରିବେ । କାରଣ ସକାଳ ୧୦ ଟାରୁ ଅପରାହ୍ନ ୩ଟା ଯାଏଁ ୱାଟର୍ ପାର୍କ ଖୋଲା ରହୁଥିବା ବେଳେ ଅପରାହ୍ନ ୩ ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଶିଶୁ ଉଦ୍ୟାନ ଖୋଲା ରହୁଛି । ଏଠାରେ ଫୁଡ କୋର୍ଟ ଠାରୁ ଆରମ୍ଭ କରି କାଫେ ଆଦି ରହିଛି । କେବଳ ପ୍ରତି ସୋମବାର ସାପ୍ତାହିକ ମରାମତି ପାଇଁ ପାର୍କ ବନ୍ଦ ରହିବ ବୋଲି ସହକାରୀ ଯନ୍ତ୍ରୀ ପ୍ରହ୍ଲାଦ ପଣ୍ଡା କହିଛନ୍ତି ।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୬ ।୪(ସମିସ): ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଅଧ୍ୟକ୍ଷ ଭାବେ ନୀଳମାଧବ ପାତ୍ର ଓ ଉପାଧ୍ୟକ୍ଷା ଲଳିତା ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟାଳୟର କର୍ମଚାରୀ ଓ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିବାବେଳେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ଅବସରରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସୋରଡ଼ା ବିଧାୟକ ନୀଳମଣୀ ବିଷୋଇ, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଆସ୍କା ଘୁମୁସର ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତୁତୁନ ପାତ୍ର, ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସୋମନାଥ ପାତ୍ର, ବିଜେପି ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ବସନ୍ତ କୁମାର ବେହେରା, ପି. ଧର୍ମା ରେଡ୍ଡୀ, କଣମଣା ମଣ୍ଡଳ ସଭାପତି ଏନ. ଦୀନବନ୍ଧୁ, ପି. ରାମବାବୁଙ୍କ ସହିତ ଘୁମୁସର ଅଞ୍ଚଳର ବିଭିନ୍ନ ସଂଗଠନର ନେତା ଓ ଯୁବ କର୍ମୀମାନେ ଉପସ୍ଥିତ ଥିଲେ ।



## ଗଜପତି ଜିଲ୍ଲା ପରିଷଦର ୫୪ତମ ବୈଠକ

# ନେରେଡ଼ି ଡ୍ୟାମ୍ ଯୋଗୁଁ ଅଚଳ ହୋଇଯିବ ଉଠାଜଳସେଚନ ପ୍ରକଳ୍ପ

ପାରଳାଖେମୁଣ୍ଡି,୧୬ ।୪(ସମିସ)

ଗଜପତି ଜିଲ୍ଲା ପରିଷଦ ୫୪ତମ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ବୈଠକ ହୋଇଥିଲା। ଜିଲ୍ଲା ପରିଷଦର ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବ୍ରହ୍ମପୁର ସାଂସଦ ପ୍ରତିନିଧି ନବ କିଶୋର ଶବର ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦର ସଭ୍ୟ, ବ୍ଲକ୍ ଅଧ୍ୟକ୍ଷ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗଜପତି ଜିଲ୍ଲାର ଯେଉଁ ଲକ୍ଷ୍ୟ ରହିଛି ତାହା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି ଏବଂ ଆଗକୁ ମଧ୍ୟ ସଫଳତାର ସହିତ କାର୍ଯ୍ୟକାରୀ ଚାଲୁରହିବ ବୋଲି ମଞ୍ଚାସୀନ ସମସ୍ତ ଅତିଥି କହିଥିଲେ। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବିଭାଗର ବିଷୟକୁ ନେଇ ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଜିଲ୍ଲାର ସମସ୍ତ

- ସରକାରଙ୍କୁ ଜଣାଇବାକୁ ପ୍ରସ୍ତାବ ଅନୁମୋଦନ
- ମହାରାଜାଙ୍କ ନାମରେ ସରକାରୀ ଯୋଜନା ନାମକରଣ ପ୍ରସ୍ତାବ
- ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ନେଇ ବିଧାୟକଙ୍କ ସମେତ ଜନପ୍ରତିନିଧି କ୍ଷୁବ୍ଧ




ଲାଇନ୍ ବିଭାଗୀୟ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ତ୍ୱରାନ୍ୱିତ କରାଯିବା ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ପାଇଁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟତଃ ମହାରାଜାଙ୍କ ନାମରେ ସରକାରୀ ଯୋଜନାର ନାମକରଣ ଓ ନେରେଡ଼ି ପ୍ରକଳ୍ପ ଯୋଗୁ ମେଗା ଉଠାଜଳସେଚନ ଗୁଡ଼ିକ ଅଚଳ ହୋଇଯିବ। ଏବିଷୟରେ ସରକାରଙ୍କୁ ଜଣାଇବା ସକାଶେ ସର୍ବସମ୍ମତ କ୍ରମେ ପ୍ରସ୍ତାବ ଜିଲ୍ଲା ପରିଷଦ ବୈଠକରେ ଅନୁମୋଦନ କରାଯାଇଥିଲା। ସେହିପରି ଶିକ୍ଷା ବିଭାଗର ଅବହେଳା ଯୋଗୁ ନାନାଦି ଦୁର୍ଘଟଣା ଛାତ୍ରଛାତ୍ରୀଙ୍କ ସହ ଘଟୁଛି। ଏହା ସହ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ବିପର୍ଯ୍ୟସ୍ତ ହୋଇପଡିଛି। ଯାହାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ ପାରଳାଖେମୁଣ୍ଡି ବିଧାୟକ ଏବଂ ବିଭିନ୍ନ ଜନପ୍ରତିନିଧି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଅଟୋ ଓଲଟି ୮ ଆହତ



ଫିରିଙ୍ଗିଆ,୧୬।୪(ସମିସ)): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପଞ୍ଚାୟତର ନମେରୀ ବାଲିଘାଟି ବୁଲାଣି ରାସ୍ତାରେ ଅଟୋ ଓଲଟି ୮ ଆହତ ହୋଇଛନ୍ତି। କାଣ୍ଡିବାଲି ସୁବେରପଙ୍ଗା ଗାଁରୁ ୮ ଜଣ କୌଣସି କାମରେ ଅଟୋରେ ଫୁଲବାଣୀ ଯାଉଥିବାବେଳେ ଗୋଚ୍ଛାପଡା ନିକଟରେ ଥିବା ନମେର ବାଲିଘାଟି ବୁଲାଣି ରାସ୍ତାରେ ଚାଳକ ଭାରସାମ୍ୟ ହରାଇବାରୁ ଓଲଟି ପଡିଥିଲା। ଅଟୋରେ ୮ ଜଣ ବସିଥିବା ବେଳେ ୪ ଜଣ ଛୋଟ ଶିଶୁ ଥିଲେ। ଘଟଣା ସ୍ଥଳରେ କୁଏରମାଣ୍ଡୁ ସମିତିସଭ୍ୟ ପଞ୍ଚା ଦିଗାଲ ପହଞ୍ଚି ଆହତକୁ ପ୍ରଥମେ ଗୋଚ୍ଛାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିର୍ କରିଥିଲେ। ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜ ଗାଡ଼ିରେ ନେଇ ଭର୍ତ୍ତି କରିଥିଲେ। ଅନ୍ୟ ୪ ଜଣ ସାମାନ୍ୟ ଆହତ ହୋଇଥିବାରୁ ଗୋଚ୍ଛାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। କୁଏରମାଣ୍ଡୁ ସମିତିସଭ୍ୟ ପଞ୍ଚା ଦିଗାଲ ନିଜ ଖର୍ଚ୍ଚରେ ଆହତଙ୍କୁ ନେଇ ଚିକିତ୍ସା କରାଇଥିବାରୁ ତାଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

● ବେଆଇନ ବାଲି ଚାଲାଣ

## ଟ୍ରାକ୍ଟରକୁ ଲକ୍ଷାଧିକ ଟଙ୍କା ଜରିମାନା



ପାରଳାଖେମୁଣ୍ଡି,୧୬ ।୪(ସମିସ): ଗଜପତି ଜିଲ୍ଲା ଖଣି ବିଭାଗ ପକ୍ଷରୁ କାଶୀନଗର ଓ ରାୟଗଡ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ବେଳେ ଚଢ଼ଉ କରାଯାଇଥିଲା। ଉଭୟ ଘଟଣାରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଦୁଇ ଟ୍ରାକ୍ଟରକୁ ପୃଥକ ପୃଥକ ଭାବେ ୫୧ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଆଜି ସକାଳେ କାଶୀନଗର ବ୍ଲକ କେ.ସୀତାପୁର ଏବଂ ରାୟଗଡ ବ୍ଲକ ଅନ୍ତର୍ଗତ ଲାଞ୍ଜିପଦର ଗ୍ରାମାଞ୍ଚଳରେ ପୃଥକ ପୃଥକ ଭାବେ ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରାଯାଉଥିବା ଖବର ପାଇଥିଲା ଖଣି ବିଭାଗ। ତୁରନ୍ତ ଖଣି ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଆବଶ୍ୟକ ଦସ୍ତାବିଜ ଦେଖାଇ ପାରିନଥିଲେ ଟ୍ରାକ୍ଟର ଚାଳକ। ଦୁଇ ଟ୍ରାକ୍ଟରକୁ ଅଟକ ରଖାଯାଇ ୫୧ ହଜାର ଟଙ୍କା ଲେଖାଏଁ ଜରିମାନା ଭରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଉଭୟ ଟ୍ରାକ୍ଟର ମାଲିକ ଜରିମାନା ନଭରିଥିବା ଯୋଗୁ ଟ୍ରାକ୍ଟର ଗୁଡ଼ିକୁ ଅଟକ ରଖିଛି ଜିଲ୍ଲା ଖଣି ବିଭାଗ। ଜରିମାନା ଭରିବା ପରେ ଅଟକ ଟ୍ରାକ୍ଟର ଗୁଡିକୁ ଛାଡ଼ି ଦିଆଯିବା ବୋଲି ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା ସୂଚନା ଦେଇଛନ୍ତି।

## ଗଞ୍ଜେଇ ରେଡ୍‌ବେଳେ ପୁଲିସକୁ ଆକ୍ରମଣ; ୧୩ ଗିରଫ

ମୋହନା,୧୬।୪(ସମିସ): ଗତ ବିଳମ୍ବିତ ରାତିରେ ଗଞ୍ଜେଇ ଚଢ଼ଉ ପାଇଁ ଯାଇଥିଲା ପୁଲିସ ଟିମ। ଏହି ସମୟରେ ପୁଲିସ ସହ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଗ୍ରାମବାସୀ ପୁଲିସକୁ ଆକ୍ରମଣ କରିଥିବା ବେଳେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଭଳି ଘଟଣା ଘଟିଛି ଅଡବା ଥାନା ମହାପଦର ଗାଁରେ। ପୁଲିସ ସେହି ଗାଁର ୧୩ ଜଣଙ୍କୁ ଗିରଫ କରିଛି । ସେହି ଅଞ୍ଚଳରେ ବର୍ତ୍ତମାନ ୫ ପ୍ଲାଟୁନ ଫୋର୍ସ ମୁତୟନ ଥିବାବେଳେ ପୁଲିସ ଛାଉଣୀ ହୋଇରହିଛି। ବିଳମ୍ବିତ ରାତିରେ ଗଞ୍ଜେଇ ଚଢ଼ଉ ପାଇଁ ମହାପଦର ଅଂଚଳକୁ ଯାଇଥିଲେ କିଛି ପୁଲିସ କର୍ମଚାରୀ। ସେମାନଙ୍କ ସହ ଗ୍ରାମବାସୀ ମୁହାଁମୁହିଁ ହେବା ସହ ଧସ୍ତା ଧସ୍ତି ହୋଇଥିଲା। ଖବର ପାଇ ଆଜି ଭୋରରେ ରା.ଉଦୟଗିରି ଏସଡ଼ିପିଓ ରାକେଶ ସାହୁ , ବିଭିନ୍ନ ଥାନାର ଥାନା ଅଧିକାରୀଙ୍କ ସହ ୫ ପ୍ଲାଟୁନ ଫୋର୍ସ ଗାଁରେ ପହଞ୍ଚିଥିଲେ। ପୁଲିସକୁ ଦେଖି ଗ୍ରାମବାସୀ ଦଉଡି ପଳାଇଥିଲେ । ଏଥିରେ ପୁଲିସ କିଛି ଗଂଜେଇ ଜବତ କରିବା ସହ ୧୩ ଜଣଙ୍କୁ ଉଠାଇଆଣିଛି। ଘଟଣାର ତଦନ୍ତ ଚାଲିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

## ଗୋଷ୍ଠୀ ବିବାହ ପାଇଁ ପ୍ରସ୍ତୁତି ବୈଠକ




ପାରଳାଖେମୁଣ୍ଡି,୧୬ ।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଗୋଷ୍ଠୀଗତ ବିବାହ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୧୭ ଯୋଡ଼ିଙ୍କ ବିବାହ ପାଇଁ ପାରଳାଖେମୁଣ୍ଡି ସହରର ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲା ପ୍ରଶାସନ ଓ ଆଇଏସଆରଡି ସମାଜସେବୀ ସଂଗଠନ ଦ୍ୱାରା ଆସନ୍ତା ୨୧ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମାଜସେବୀଙ୍କୁ ଆହ୍ୱାନ କରିବା ସହ ଦାୟିତ୍ୱ ବଣ୍ଟନ କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନାଗା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଓ ଆଇଏସଆରଡି ସମାଜସେବୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବ୍ୟବସାୟୀ ସଙ୍ଘ ତରଫରୁ ପାନୀୟ ଜଳ ବଣ୍ଟନ



ଜି.ଉଦୟଗିରି,୧୬।୪(ସମିସ): ଜି.ଉଦୟଗିରିରେ ମା ବରଳିନୀ ବ୍ୟବସାୟୀ ସଙ୍ଘ ତରଫରୁ ଆଜି ଥଣ୍ଡା ପାନୀୟ ଜଳ ବଣ୍ଟନ ବ୍ୟବସ୍ଥା କରାଯାଇଛି। ସଂଘ ତରଫରୁ ବଜାରରେ ମାଗଣା ୱାଇଫାଇ, ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା, ସବୁଜ ବଜାର କରିବା ଲକ୍ଷ୍ୟ, ସ୍ୱଚ୍ଛ ଭାରତ, ମାଗଣା ଦନ୍ତ ଚିକିତ୍ସା ଶିବିର କରିବା ଲକ୍ଷ୍ୟ ରଖିଛି। ଆଜିର କାର୍ଯ୍ୟକ୍ରମରେ ଡ଼ା.ସତ୍ୟ ନାରାୟଣ ପଟ୍ଟନାୟକ, ଅନିଲ କୁମାର ଦଲ ବେହେରା, ବଟକୃଷ୍ଣ ଦାଶ, ମନୋଜ କୁମାର ପଣ୍ଡା, ବଳରାମ ଡାକୁଆ, ମଳୟ ମହନ୍ତି, ଖିରୋଦ କୁମାର ପଟ୍ଟନାୟକ, ଦୁର୍ଗାମାଧବ ପଟ୍ଟନାୟକ, ନୀଳମାଧବ ପତି, ସମାଜସେବୀ ଅନିଲ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

## ମହାବିଷୁବ ସାରସ୍ୱତ ସମାବେଶ



ବାଲିଗୁଡା,୧୬।୪(ସମିସ): ମହାବିଷୁବ ସାରସ୍ୱତ ଜିଲ୍ଲାସ୍ତରୀୟ ସମାବେଶ ସ୍ଥାନୀୟ ବନବାସୀ ସେବା ସମିତି ପରିସରରେ ବାଲିଗୁଡା ଶାଳବଣ ସାହିତ୍ୟ ସଂସଦ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ କୌଶିକ ସାହୁ ସମାବେଶକୁ ଉଦଘାଟନ କରିଥିଲେ। ଏହି ସାରସ୍ୱତ ସମାବେଶ ଦୁଇଟି ଅଧିବେଶନରେ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥୀ ଭାବେ ଜିଲ୍ଲା ଲେଖକ ସାମୁଖ୍ୟ ସଭାପତି ରବୀନ୍ଦ୍ରନାଥ ମିଶ୍ର, ସଭାମୁଖ୍ୟ ମଧୁସୁଦନ ମହାପାତ୍ର, ବିଶିଷ୍ଟ ଆଲୋଚକ ଭାବେ ସେବାନିବୃତ ପ୍ରାଧ୍ୟାପକ ସର୍ବେଶ୍ୱର ସେଣ, ସମ୍ମାନୀତ ଅତିଥୀ ଭାବେ ବ୍ୟଙ୍ଗକବି ଚିରଂଜନ ଓଝା. ଡ.ବିଭୁତି ଭୂଷଣ ଆଚାର୍ଯ୍ୟ, ରବୀନ୍ଦ୍ର ନାଥ ରଥ ମଞ୍ଚାସିନ ଥିଲେ। ଡ. ପ୍ରତାପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସାରସ୍ୱତ ସମାବେଶ ଓ ଲେଖକ ଏବଂ କବି ଉପରେ ଆଲୋଚନା କରିଥିଲେ ଏବଂ ସସ୍ମିତା ପଣ୍ଡାଙ୍କୁ କବି ଓ ସୁଲେଖିକା ଭାବରେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନ ପ୍ରହଲ୍ଲାଦ ପ୍ରସାଦ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲବାଣୀ ସାହିତ୍ୟ ପରିଷଦ ସଭାପତି କୈଳାଶ ଚନ୍ଦ୍ର ଧଳ ସଭାପତିତ୍ୱ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ସସ୍ମିତା ପଣ୍ଡା ,ବନିତା ମହାରଣା ଓ ଦୀପ୍ତିମୟୀ ରଥ ସଂଯୋଜନା କରିଥିବା ବେଳେ ଆଲୋଚକ ଭାବେ ପତିତପାବନ ରାଉତ ଓ ସହସମ୍ପାଦକ କୈଳାଶ ଚନ୍ଦ୍ର ବେହେରା ମଂଚାସୀନ ଥିଲେ। ଉପସ୍ଥିତ କବିଗଣ କବିତା ପାଠ କରିଥିଲେ। ଶେଷରେ ଅଲେଖ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

● ସିବିଏସ୍‌ଇ ଦଶମଶ୍ରେଣୀ ପରୀକ୍ଷା

## ସେଞ୍ଚୁରିୟନ୍ ପବ୍ଲିକ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସଫଳତା




ପାରଳାଖେମୁଣ୍ଡି,୧୬ ।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିୟନ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସ୍କୁଲର କୃଷ୍ଣା କୁମାରୀ ରାଉତ ୯୭.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବାବେଳେ ତମନ୍ନା ମହାପାତ୍ର ୯୪ ପ୍ରତିଶତ, ସ୍ନୋୱି ଜେସିକା ଦାଶ ୯୧.୪ ପ୍ରତିଶତ ନମ୍ବର ରଖିଛନ୍ତି। କେ. ରେଶ୍ମା ଓ ଟି. ସମୀରା ମଧ୍ୟ ୯୦.୬% ନମ୍ବର ରଖି ପାସ ହୋଇଛନ୍ତି। ୫ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ପାଇଥିବାବେଳେ, ୧୬ ଜଣ ୮୦%ରୁ ଅଧିକ ଏବଂ ୯୩ ଜଣ ଛାତ୍ରଛାତ୍ରୀ ୬୦%ରୁ ଅଧିକ ନମ୍ବର ରଖି ପାସ୍ ହୋଇଛନ୍ତି। ସିୟୁଟିଏମ୍‌ର ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ଡି.ଏନ୍. ରାଓ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନୀତା ପାଣିଗ୍ରାହୀ, ରିଜିଓନାଲ ଡାଇରେକ୍ଟର ସମ୍ବିତ ପାତ୍ର, ଉପ ପ୍ରଧାନଶିକ୍ଷକ ଜେ.କେ. ନାୟକ ଓ ସମଗ୍ର ବିଦ୍ୟାଳୟ ପରିବାର ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଲପଗାଁ ଆଦର୍ଶ ବିଦ୍ୟାଳୟ ଟପ୍ପର ଜୀବନଜ୍ୟୋତି



ଟିକାବାଲି,୧୬।୪(ସମିସ): ଟିକାବାଲି ବ୍ଲକ୍ ସ୍ଥିତ ସଲପଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷାର୍ଥୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଛାତ୍ର ଜୀବନଜ୍ୟୋତି ଭୋଇ ୯୫.୪ ପ୍ରତିଶତ ନମ୍ବର ରଖି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଅନ୍ୱେଷା ନାୟକ ୯୪.୬ ପ୍ରତିଶତ ସହ ଦ୍ୱିତୀୟ ଏବଂ ଭବାନୀ ତିଆଡ଼ି ୯୦.୮ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟରୁ ୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷର ଫଳାଫଳକୁ ନେଇ ଅଭିଭାବକ ମହଲରେ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ବିଗତ ବର୍ଷଗୁଡ଼ିକରେ ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ରହିବା ସହ ସର୍ବାଧିକ ମାର୍କ ୯୭ ପ୍ରତିଶତରୁ ଅଧିକ ରହୁଥିଲା। ଏଥର ମାର୍କ ପରିମାଣ ସାମାନ୍ୟ କମ୍ ରହିଥିବାରୁ କେତେକ ଅଭିଭାବକ ଦୁଃଖ ପ୍ରକାଶ କରିଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବିଭିନ୍ନ ପ୍ରକଳ୍ପର ତଦାରଖ କଲେ ଜିଲ୍ଲାପାଳ



ଦାରିଙ୍ଗବାଡି,୧୬।୪(ସମିସ): ବିଭିନ୍ନ ପ୍ରକଳ୍ପର ତଦାରଖ କରିଛନ୍ତି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ। ପ୍ରଥମେ ସେ ଦାରିଙ୍ଗବାଡି ବ୍ଲକ ଅଞ୍ଚଳ ଉପାନ୍ତ ଗାଁ କଲିଙ୍ଗିରେ ପହଞ୍ଚି ସେଠିକାର ବିଭିନ୍ନ ସମସ୍ୟା ବିଷୟରେ ବୁଝିବା ସହ କଣ ସବୁ କାମ ହେବ ସେନେଇ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଭ୍ରମରବାଡ଼ି ଅଙ୍ଗନବାଡ଼ି ଗୃହ କାର୍ଯ୍ୟ, ରିଣ୍ଡାବାଲି ଜଳପ୍ରପାତ କାର୍ଯ୍ୟ, ବାଡାବାଙ୍ଗା ପଞ୍ଚାୟତ ଭବନ, ଡାଡାକେତା ବନ ସଂରକ୍ଷଣ ସମିତି କୋଠା ଆଦି କାର୍ଯ୍ୟ ବୁଲି ଦେଖିବା ସହ ଦାରିଙ୍ଗବାଡିର ମଲ୍ଟି ଭିଲେଜ ସ୍କିମ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟ , ପାଟା ସ୍କୁଲ ଅତିରିକ୍ତ ଶ୍ରେଣୀ ଗୃହ କାର୍ଯ୍ୟ ଦେଖିଥିଲେ । ଶେଷରେ ସନସେଟ ପଏଣ୍ଟରେ ପହଞ୍ଚି କାର୍ଯ୍ୟରେ ତଦାରଖ କରିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡ଼ିଓ ପ୍ରୀତି ରଞ୍ଜନ ରଥ, ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ରଥ ଓ କନିଷ୍ଠ ଯନ୍ତ୍ରୀ ମନୋଜ ପୃଷ୍ଟି ଉପସ୍ଥିତ ଥିଲେ।

## ଗୁଟିଙ୍ଗିଆ ମହାବିଦ୍ୟାଳୟରେ ଏସ୍‌ଟିଇଏମ୍ ପ୍ରଶିକ୍ଷଣ ଶିବିର

ଟିକାବାଲି,୧୬।୪(ସମିସ): ଟିକାବାଲି ବ୍ଲକ ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଟିଙ୍ଗିଆ ପରିସରରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ବୈଷୟିକ ବିଜ୍ଞାନ ଓ ଗଣିତ(ଏସଟିଇଏମ୍) ଭିତ୍ତିକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକ ସଂଗଠନ ମହିଳା ଜୀବିକା ସୁରକ୍ଷା ମଞ୍ଚ ଓ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଶିବିରରେ ଆଦ୍ୟାଶକ୍ତି ଟ୍ରଷ୍ଟ, ମନ୍ତ୍ରା ଫର ଚେଞ୍ଜ ଏବଂ ଶିକ୍ଷାଗ୍ରହ ସହଯୋଗ କରିଥିଲେ। ଶିବିର ଜାତୀୟ ଶିକ୍ଷା ନୀତି-୨୦୨୦ ଏନ୍‌ଇପି ନିୟମାବଳୀ ଅନୁଯାୟୀ ଆୟୋଜନ କରାଯାଇଛି। ଏହାର ମୂଳ ଲକ୍ଷ୍ୟ ବାସ୍ତବ ଜୀବନ ସହିତ ଏସ୍‌ଟିଇଏମ୍ ଧାରଣାକୁ ଯୋଡ଼ି ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ ଓ ସହଜବୋଧ କରିବା। ଏକ ସକ୍ରିୟ ସ୍ୱେଚ୍ଛାସେବୀ ଦଳ ଗଠନ କରିବା ଏହି ଉଦ୍ୟମର ଅନ୍ୟତମ ଉଦ୍ଦେଶ୍ୟ, ଯେଉଁମାନେ ବିଦ୍ୟାଳୟ ଓ ଗୋଷ୍ଠୀ ସ୍ତରରେ ଏସଟିଇଏମ୍ ଶିକ୍ଷାକୁ ପ୍ରୋତ୍ସାହିତ କରିବେ। ବିଶେଷ କରି ୫ମରୁ ୮ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଅବକାଶ ସମୟରେ ମାର୍ଗଦର୍ଶନ ଦେବାକୁ ଏକ ୬ ସପ୍ତାହର କାର୍ଯ୍ୟକ୍ରମ ଆସନ୍ତା ମେ' ୧ରୁ ଆରମ୍ଭ ହେବ। ଶିବିରରେ ଗୁଟିଙ୍ଗିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ବାଦଲ କୁମାର ପାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗ ଅଧ୍ୟାପକ ଶ୍ରବଣ କୁମାର ଗୌଡ଼, ଓଡ଼ିଶା ଶ୍ରମଜୀବୀ ମଞ୍ଚର ଆବାହକ ଅଞ୍ଜନ ପ୍ରଧାନ ଏବଂ ସାମ୍ବାଦିକ ଜସେଫ ଦିଗାଲ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୟ ଦିଗାଲ ମଞ୍ଚ ପରିଚାଳନା କରିଥିଲେ। ଟିକାବାଲି, ରାଇକିଆ, ଜି.ଉଦୟଗିରି, ଫିରିଙ୍ଗିଆ ଓ କନ୍ଧମାଳ ନୂଆଗାଁ ବ୍ଲକରୁ ୬୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ତାଲିମରେ ଅଂଶଗ୍ରହଣ କରିଥିଲେ। ଚିତ୍ତରଞ୍ଜନ ପ୍ରଧାନ, ସିଦ୍ଧେଶ୍ୱର ନାୟକ, ସୁଧାକର ପ୍ରଧାନ, ସସ୍ମିତା ମଲିକ, ନିରାକାର ସାହୁ, ପ୍ରମୋଦା ନାୟକ, ସୁନିତା ପ୍ରଧାନ, ରୀତା ପ୍ରଧାନ, କୁନି ଦିଗାଲ ଓ ରାଜୀବ ପ୍ରଧାନ ସଂଗଠନ କର୍ମୀ ସହଯୋଗ କରିଥିଲେ।

**୫ ବ୍ଲକର ୬୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ**

## ଜନପ୍ରତିନିଧିଙ୍କ ଅଗୋଚରରେ କାର୍ଯ୍ୟାଦେଶ ବଣ୍ଟନ

# ବିଡିଓଙ୍କୁ ୨୪ ପଞ୍ଚାୟତ ଜନପ୍ରତିନିଧିଙ୍କ ଦାବିପତ୍ର

ଫିରିଙ୍ଗିଆ,୧୬।୪(ସମିସ)

ଫିରିଙ୍ଗିଆ ବ୍ଲକରେ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସରପଞ୍ଚ ଓ ସମିତିସଭ୍ୟଙ୍କ ଅଜାଣତରେ ଓ ବିନା ପରାମର୍ଶରେ ବଣ୍ଟନ ହେଉଥିବା ବେଳେ ତାହା ଠିକ ଭାବେ ହୋଇପାରୁ ନାହିଁ କି କାମକୁ ନେଇ କିଛି କେହି ଜାଣି ପାରୁନାହାନ୍ତି। ଏନେଇ ଜନ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପଞ୍ଚାୟତର ପ୍ରତ୍ୟେକ କାର୍ଯ୍ୟ ସରପଞ୍ଚଙ୍କ ଉପସ୍ଥିତରେ ଗ୍ରାମସ୍ତରରେ ପଲ୍ଲୀସଭା ବୈଠକ କରି ଗାଁ ଲୋକଙ୍କ ସହମତିରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବା ନିୟମ ରହିଛି। କିନ୍ତୁ ଅନୁମୋଦନ ପରେ ପଞ୍ଚାୟତସ୍ତରରେ ବିନା ଆଲୋଚନାରେ ମନଇଚ୍ଛା କାର୍ଯ୍ୟ ବଣ୍ଟନ କରାଯାଉଥିବାରୁ ଏହା ପଞ୍ଚାୟତ ମାନୁଆଲ ଅନୁଯାୟୀ ବେଆଇନ। ଏଭଳି ବେଆଇନ କାର୍ଯ୍ୟକୁ ଫିରିଙ୍ଗିଆ ବ୍ଲକ ୨୪ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ମିଶି ଅସନ୍ତୋଷ ବ୍ୟକ୍ତ କରିବା ସହ ବାଧ ହୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଅନୁପ ଅଭିଷେକ ବେହେରାଙ୍କୁ ଭେଟି ଆଲୋଚନା କରି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣାରେ ରାଜନୈତିକ ହସ୍ତକ୍ଷେପକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ନିର୍ଦ୍ଦିଷ୍ଟ ଦଳର ବରିଷ୍ଠ ନେତା ଯାହା କହିବେ ତାହା ବିଭାଗୀୟ ଅଧିକାରୀ ମାନି ଏଭଳି କାର୍ଯ୍ୟ ବଣ୍ଟନ ହେଉଥିବା କିଛି ସରପଞ୍ଚ ଅଭିଯୋଗ କରିଛନ୍ତି। ଆଲୋଚନା ପରେ ବିଡ଼ିଓ ଏହି କଥାକୁ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଜିଲ୍ଲାପାଳଙ୍କ ଠାରେ ମଧ୍ୟ ଲିଖିତ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି ଫିରିଙ୍ଗିଆ ବ୍ଲକ ଜନ ପ୍ରତିନିଧି। ଦାବିପତ୍ର ପ୍ରଦାନ ବେଳେ ସଲାଗୁଡା ପଞ୍ଚାୟତ ସରପଞ୍ଚ ରୋହିତ କହଁର, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ତଳ ଦଣ୍ଡିକିଆ ସରପଞ୍ଚ ଶଙ୍କର ପ୍ରଧାନଙ୍କ ସହ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

**ଦାବି ପୂରଣ ନହେଲେ ବ୍ଲକ ଘେରାଉ ଚେତାବନୀ**



